ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 13 | 31 March - 06 April 2024 | Sambalpur | Pages- 8 | Invitation Price Rs.10

# କୋଇଲା ଉତ୍ପାଦନରେ ଏମ୍.ସି.ଏଲ୍‌ର ରେକର୍ଡ଼



ସମ୍ବଲପୁର: ଚଳିତ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରି ମହାନଦୀ କୋଇଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ଦେଶର ପ୍ରଥମ କମ୍ପାନୀ ହୋଇପାରିଛି। ଇତି ମଧ୍ୟରେ ଚଳିତ ବର୍ଷ ୨୦୦ ନିୟୁତ ଟନ୍ ଅତିକ୍ରମ କରିବା ଏମ୍‌ସିଏଲ୍ ପାଇଁ ଗୌରବର ବିଷୟ ହୋଇପାରିଛି। ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୁଳ ଏବଂ ସମ୍ବଲପୁର ଜିଲାରେ କାର୍ଯ୍ୟ କରୁଥିବା ଏମ୍‌ସିଏଲ୍‌ର ପ୍ରତ୍ୟେକ ସଦସ୍ୟ ଏବଂ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ଏମ୍‌ସିଏଲର ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଅଭିନନ୍ଦନ ଜଣାଇଛନ୍ତି। ଏହି ରେକର୍ଡ କୋଇଲା ଉତ୍ପାଦନ ସଫଳତା ଖଣିରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ହୋଇପାରିଛି ବୋଲି କାଓଲେ କହିଛନ୍ତି। ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ ଏକ ବଡ଼ ସଫଳତା। ଏହି ଅନନ୍ୟ ସଫଳତା ହେଉଛି କଠିନ ପରିଶ୍ରମ, ଉତ୍ସର୍ଗୀକୃତ ଏବଂ ନିରନ୍ତର ଅନୁସରଣର ଫଳାଫଳ ବୋଲି ସେ କହିଛନ୍ତି। ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ କୋଇଲା ସୁନିଶ୍ଚିତ କରିବା ପାଇଁ ଏମ୍‌ସିଏଲ୍ ଆଗାମୀ ଦିନରେ ମଧ ନିଜର ସର୍ବଶ୍ରେଷ୍ଠ ଉଦ୍ୟମ ଜାରି ରଖିବ ବୋଲି ସିଏମ୍‌ଡି କହିଛନ୍ତି। କୋଲଇଣ୍ଡିଆ ଲିମିଟେଡର ଏକ ଅଗ୍ରଣୀ ସହାୟକ କମ୍ପାନୀ ଭାବେ ଏମ୍‌ସିଏଲ ୨୦୦୯-୧୦ ଆର୍ଥିକ ବର୍ଷରେ ୧୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବାବେଳେ ୨୦୨୧- ୨୨ ଆର୍ଥିକ ବର୍ଷରେ କମ୍ପାନୀ ପ୍ରଥମ ଥର ପାଇଁ ୧୫୦ ନିୟୁତ ଟନ୍ ମାର୍କ ଅତିକ୍ରମ କରି ୧୬୮ ନିୟୁତ ଟନ୍ ଉତ୍ପାଦନ କରିପାରିଥିଲା। ଚଳିତବର୍ଷ ପୁଣି ୨୦୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରି ନୂଆଁ ରେକର୍ଡ ସୃଷ୍ଟି କରିବା ସହ ଦେଶରେ ପ୍ରଥମ କମ୍ପାନୀ ହୋଇ ପାରିଥିବା ସିଏମ୍‌ଡି କହିଛନ୍ତି।

# ନୃସିଂହ ଗୁରୁ ଥିଲେ ପଶ୍ଚିମ ଓଡ଼ିଶାର ଅସ୍ମିତାର ପରିଚୟ





ସମ୍ବଲପୁର : ନୃସିଂହ ଗୁରୁ ପଶ୍ଚିମ ଓଡ଼ିଶାର ଅସ୍ମିତାର ପରିଚୟ ଥିଲେ। ସେ ସ୍ୱାଧୀନତା ସଂଗ୍ରାମ, ସମାଜସେବା ଓ ସାମ୍ବାଦିକତାର ତ୍ରିବେଣୀ ସଙ୍ଗମ ଥିଲେ ବୋଲି ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଛନ୍ତି। ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଉପ-ସଭାପତି ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ନୃସିଂହ ଗୁରୁଙ୍କ ୧୨୨ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଫେସର ଶତପଥୀ କହିଥିଲେ ଯେ, ସ୍ୱର୍ଗତ ଗୁରୁ ସମାଜର ଗୁରୁ ଓ ପଥପ୍ରଦର୍ଶକ ଥିଲେ। ସେ ଜଣେ କର୍ମନିଷ୍ଠ ସାମ୍ବାଦିକ ହେବା ସହ ସମାଜ ପାଇଁ ଜଣେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ। ଏହାଛଡା, ଉଦାରବାଦୀ ମାନସିକତାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ଼୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଦିନଟି ପ୍ରଭୁ ଯୀଶୁଙ୍କ କୃଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ଼୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି।

(ରଘୁବର ଦାସ)



# କାର୍ଯ୍ୟକାରୀ ହେଉ ନାହିଁ ୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ

ସମ୍ବଲପୁର : ଗତ ଦେଢ଼ ବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିବା ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ । ସମାଜରେ ଥିବା ଅସହାୟ ଲୋକଙ୍କୁ ଆଶ୍ରୟ ଦେବା ସହ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା, ଶିକ୍ଷା, କର୍ମନିଯୁକ୍ତି ବାବଦ ତାଲିମ ପ୍ରଦାନ ପାଇଁ ଏହି ଅତ୍ୟାଧୁନିକ କୋଠା ନିର୍ମାଣ ହୋଇଛି । ପ୍ରାୟ ୨୫ କୋଟି ୪୩ ଲକ୍ଷ ୬୨ ହଜାର ଟଙ୍କାରେ ନିର୍ମିତ ଏହି କମ୍ପ୍ଲେକ୍ସ ଗତ ୨୦୨୨ ଅଗଷ୍ଟ ମାସରେ ଉଦ୍‌ଘାଟନ ହୋଇଥିଲା । ଉଦ୍‌ଘାଟନକୁ ଇତି ମଧ୍ୟରେ ଦେଢ଼ବର୍ଷ ବିତିଥିଲେ ମଧ ଏହା ନାମକୁମାତ୍ର କାର୍ଯ୍ୟକ୍ଷମ ହୋଇଛି । ବର୍ତ୍ତମାନ ସୁଦ୍ଧା ଅନୁମୋଦନ ପାଇଥିବା ଦୁଇଟି ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରିଛି । ଯୋଜନା ଅନୁଯାୟୀ ସେଠାରେ ବୃଦ୍ଧାଶ୍ରମ, ମାନସିକ ଅନଗ୍ରସର ଓ ଭିନ୍ନକ୍ଷମ ସ୍କୁଲ, କିନ୍ନର ଓ ଭିକ୍ଷୁକଙ୍କୁ ଉଦ୍ଧାର କରି ଥଇଥାନ କରିବାର ବ୍ୟବସ୍ଥା ରହିଛି । ତେବେ ବର୍ତ୍ତମାନ ସୁଦ୍ଧା ଉପରୋକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନାହିଁ ।

ବର୍ତ୍ତମାନ ବିଶେଷ କରି ସମାଜରେ ଅବହେଳିତ ଅବସ୍ଥାରେ ବହୁ ବୃଦ୍ଧ ଓ ବୃଦ୍ଧା ଆଶ୍ରୟ ପାଇବା ପାଇଁ ଚିନ୍ତାରେ ପଡ଼ିଛନ୍ତି । ସମ୍ବଲପୁର ଜିଲ୍ଲାରେ ରେଡକ୍ରସ୍ ମାଧମରେ ପରିଚାଳିତ ଏକ ବୃଦ୍ଧାଶ୍ରମ ସହ ବ୍ୟକ୍ତିଗତ ଭାବେ ପରିଚାଳିତ ଆଉ ୨/୩ଟି ବୃଦ୍ଧାଶ୍ରମ ରହିଛି । ଏହି ଆଶ୍ରମ ଗୁଡ଼ିକରେ କ୍ଷମତା ଅନୁଯାୟୀ ଅଧିକ ସଂଖ୍ୟାରେ ଅସହାୟ ରହୁଛନ୍ତି । ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ନିର୍ମାଣ ପରେ ଅନ୍ତତଃ ଅସହାୟ ବୃଦ୍ଧ/ବୃଦ୍ଧା ସୁବିଧାରେ ଆଶ୍ରୟ ପାଇପାରିବେ ବୋଲି ଆଶ ସଞ୍ଚାର ହୋଇଥିଲା । ସେହିପରି ସହର ମଧ୍ୟରେ ବିଭିନ୍ନ ସମୟରେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଉଦ୍ଧାର କରୁଛନ୍ତି । ତେବେ ସେମାନଙ୍କୁ ଥାଇଥାନ କରିବା ନେଇ ସର୍ବଦା ସମସ୍ୟା ସୃଷ୍ଟି ହେଉଛି । ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସରେ ଏଭଳି ବ୍ୟକ୍ତିଙ୍କ ଥାଇଥାନର ମଧ ବ୍ୟବସ୍ଥା ଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ ।

ପ୍ରକାଶ ଥାଉକି ଗତ ୨୦୧୭ ମସିହା ମାର୍ଚ୍ଚ ୧୯ ତାରିଖ ଏହି କମ୍ପ୍ଲେକ୍ସର ଶିଳାନ୍ୟାସ ହୋଇଥିଲା । ମହାନଗର ନିଗମ ୱାର୍ଡ ନମ୍ବର-୧ ଅନ୍ତର୍ଗତ ବୈଜାମୁଣ୍ଡା ଗ୍ରାମ ନିକଟରେ ଏହି ଅତ୍ୟାଧୁନିକ ଦ୍ୱିତଳ କୋଠା ନିର୍ମିତ ହୋଇଛି । ଏହି କମ୍ପ୍ଲେକ୍ସ ୬୫୯୭.୯୫୫ ବର୍ଗ ମିଟର ଜମିରେ ନିର୍ମାଣ ହୋଇଛି । ସେଠାରେ ରହିବା ପାଇଁ ମୋଟ ୧୪୭ଟି କୋଠରୀ ବ୍ୟବସ୍ଥା ଅଛି । ଖାଦ୍ୟ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ରୋଷେଇ ଘର ସହ, ଅନ୍ତେବାସୀଙ୍କ ମନୋରଞ୍ଜନ ପାଇଁ କୋଠାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥାର ମଧ ପ୍ରବଧାନ ରହିଛି । ଉକ୍ତ କୋଠାକୁ ଲାଗି ଆଉ ୮ ଏକର ଜମି ସଂରକ୍ଷିତ ରହିଛି । ସେଠାରେ ଖେଳ ପଡ଼ିଆ ସହ ଭିନ୍ନକ୍ଷମଙ୍କ ପାଇଁ ସ୍କୁଲ, ଅନ୍ତେବାସୀଙ୍କ ପାଇଁ ସ୍ୱତନ୍ତ୍ର ତାଲିମ କେନ୍ଦ୍ର ଖୋଲିବାର ମଧ ପ୍ରସ୍ତାବ ରହିଛି । ସେଠାରେ ଜିଲ୍ଲାରେ ଥିବା ଅସହାୟ ଭିନ୍ନକ୍ଷମ, ବୃଦ୍ଧ ବୃଦ୍ଧା, ଭିକ୍ଷୁକ, କିନ୍ନରଙ୍କୁ ଥଇଥାନ କରାଯିବା ସହ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଉନ୍ନତମାନର ରହଣି ଓ ଖାଦ୍ୟ ବ୍ୟବସ୍ଥା ସହ ମନୋରଞ୍ଜନ ଓ ଖେଳକୁଦ ପାଇଁ ଆବଶ୍ୟକ ସରଞ୍ଜାମ ସହ ସୁସ୍ଥ ରହିବା ପାଇଁ ଯୋଗ ଓ ଚିକିତ୍ସା ବ୍ୟବସ୍ଥା ପାଇଁ ମଧ ବ୍ୟବସ୍ଥା ରହିଛି ।

# ସମ୍ବଲପୁର ଓକିଲ ସଂଘ ନିର୍ବାଚନ

ସମ୍ବଲପୁର : ସମ୍ବଲପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉପସଭାପତି, ଯୁଗ୍ମ ସଂପାଦକ ଏବଂ ଅନ୍ୟ ଏକ ପଦବୀ ପାଇଁ ଏହି ନିର୍ବାଚନ ହୋଇଛି । ବରିଷ୍ଠ ଓକିଲ ପ୍ରମୋଦ କୁମାର ଦାଶ ଏହି ନିର୍ବାଚନ ପରିଚାଳନା କରିଥିଲେ । ପୂର୍ବରୁ ଶ୍ରୀ ସତ୍ୟନାରାୟଣ ପଣ୍ଡା ସଂଘର ସଭାପତି ରୂପେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସଂପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିବାକୁ ଥିବା ସୁରଜ ବିଶ୍ୱାଳଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହେବା ଯୋଗୁଁ ଏହି ପଦବୀ ପାଇଁ ନିର୍ବାଚନ ହୋଇ ନାହିଁ । ତେବେ ସଂପାଦକ ପଦବୀ ପାଇଁ ଆସନ୍ତା ୧୫ ତାରିଖ ଦିନ ନିର୍ବାଚନ ହେବ ବୋଲି ଜଣାପଡିଛି ।

# ଦୟାମଣି ବୃଦ୍ଧାଶ୍ରମରେ ହେବ ଭାଗବତ ସପ୍ତାହ

ସମ୍ବଲପୁର : ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମରେ ଆସନ୍ତା ୭ ରୁ ୧୫ ତାରିଖ ପର୍ଯ୍ୟନ୍ତ ଭାଗବତ ସପ୍ତାହ ଅନୁଷ୍ଠିତ ହେବ । ବୃନ୍ଦାବନର ବାବା ହରେକୃଷ୍ଣ ଦାସ ଏଥିରେ ବ୍ୟାସ ରୂପେ ଯୋଗଦେଇ ପ୍ରବଚନ ଦେବେ । ଏଠାରେ ରହୁଥିବା ନିଃସହାୟ ଅନ୍ତେବାସୀମାନଙ୍କୁ ଭାଗବତ କଥା ଶୁଣାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବୃଦ୍ଧାଶ୍ରମର ମୁଖ୍ୟ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହେଉଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଜନସାଧାରଣ ଯୋଗଦେଇ ଭାଗବତ କଥା ଶ୍ରବଣ ସାଙ୍ଗକୁ ନିଜର ଜୀବନ ଚରିତାର୍ଥ କରିବା ପାଇଁ ସୁଶ୍ରୀ ବହିଦାର ଅନୁରୋଧ କରିଛନ୍ତି ।

# 'ଜଗନ୍ନାଥ ସଂସ୍କୃତିରେ ଶକ୍ତିତତ୍ତ୍ୱ' ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର: ବୁଢ଼ାରକା ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ 'ଜଗନ୍ନାଥ ସଂସ୍କୃତିରେ ଶକ୍ତିତତ୍ତ୍ୱ ଶୀର୍ଷକ ରାଷ୍ଟ୍ରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହର୍ଷି ବ୍ୟାସଦେବ ରାଷ୍ଟ୍ରୀୟ ପ୍ରାଚ୍ୟ ବିଦ୍ୟା ଗବେଷଣା କେନ୍ଦ୍ର ଓ ତିରୁପତି ସ୍ଥିତ ଓଡ଼ିଶା ଚେୟାରର ମିଳିତ ଉଦ୍ୟମ ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିରୁପତି ସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ତଥା କିସ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଡକ୍ଟର ସୁନେଲୀ ଦେଈ ଅତିଥି ପରିଚୟ ଓ ମହର୍ଷି ବ୍ୟାସଦେବ ରାଷ୍ଟ୍ରୀୟ ପ୍ରାଚ୍ୟ ବିଦ୍ୟା ଗବେଷଣା କେନ୍ଦ୍ରର ସମ୍ପାଦକ ଡ.ଚନ୍ଦ୍ରଧ୍ୱଜ ମାଝୀ ଧନ୍ୟବାଦ ଦେଇଥିଲେ । ମହର୍ଷି ବ୍ୟାସଦେବ ରାଷ୍ଟ୍ରୀୟ ପ୍ରାଚ୍ୟ ବିଦ୍ୟା ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ତଥା ଆଲୋଚନାଚକ୍ରର ମୁଖ୍ୟ ଆବାହକ ଡକ୍ଟର ବୁଦ୍ଧେଶ୍ୱର ଷଡ଼ଙ୍ଗୀ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର, ଡ.ନନ୍ଦିଘୋଷ ମହାପାତ୍ର, ଡକ୍ଟର ବଦ୍ରିନାରାୟଣ ପୂଜାରୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ.ସଂଯୁକ୍ତା ପାଢ଼ୀ, ଡ.ସୁବ୍ରତ ଷଡ଼ଙ୍ଗୀ, ହରିଶ୍ଚନ୍ଦ୍ର ହୋତା, ଅଖିଳେନ୍ଦ୍ର ଶାସନ, ବଳଭଦ୍ର କର୍ଣ୍ଣ, ରାଜକିରଣ ମିଶ୍ର, ବିବେକାନନ୍ଦ ସେଠୀ, ଶୁଭମ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ପରମାତ୍ମାଙ୍କ ସହିତ ଯୋଡ଼ି ହେବାର ଉପାୟ

**ଦୁଃ**ଖ ପାଇଲେ ମନୁଷ୍ୟ ଦୁଃଖୀ ଅବଶ୍ୟ ହୋଇଥାଏ, କିନ୍ତୁ ଦୁଃଖର ଗୋଟିଏ ବଡ଼ ଗୁଣ ବି ରହିଛି । ଦୁଃଖ ଭୌତିକ ସୁଖର, ସାଂସାରିକ ସୁଖର ଅସାରତା ଦେଖିଥାଏ । ଯେଉଁ ସୁଖ ସକାଶେ ମନୁଷ୍ୟର ମନ ବ୍ୟାକୁଳିତ ହୁଏ, ଛଟପଟ ହୁଏ ଏବଂ ଯାହାକୁ ପାଇବା ପାଇଁ ସେ ବଡ଼ ବଡ଼ ପ୍ରୟାସ, ପୁରୁଷାର୍ଥ ଓ ପରିଶ୍ରମ କରିଥାଏ ତଥା ତାହାକୁ ପାଇ ମଧ ଯେତେବେଳେ ସେ ପୂର୍ଣ୍ଣତଃ ତୃପ୍ତ ହୋଇପାରେ ନାହିଁ, ଚିର ସୁଖୀ ହୋଇପାରେ ନାହିଁ, ବରଂ ଦୁଃଖୀ ହୋଇଥାଏ, ସେତେବେଳେ ପୁଣି ଥରେ ସୁଖୀ ହେବା ସକାଶେ ଭୌତିକ ସୁଖ-ସାଧନ, ବିଷୟ ଭୋଗଗୁଡ଼ିକ ପଛରେ ଧାଇଁଥାଏ ।

ସେ ଏପରି ବାରମ୍ବାର କରିଥାଏ ଏବଂ ହୁଏତ ଏଇ ଥର ସାଂସାରିକ ସୁଖ, ବିଷୟ ସୁଖକୁ ପାଇ ସେ ସବୁ ଦିନ ପାଇଁ ସୁଖୀ ହୋଇ ପାରିବ, ତୃପ୍ତ ହୋଇ ପାରିବ ବୋଲି ଆଶା କରିଥାଏ, କିନ୍ତୁ ତା'ର ଇନ୍ଦ୍ରିୟଗୁଡ଼ିକ କ୍ଷଣିକ ସୁଖ ଲାଭ କରି ପୁନଶ୍ଚ ଅତୃପ୍ତ ହୋଇଯାଏ । ଏହା ଯୋଗୁଁ ସାଂସାରିକ ସୁଖ, ଇନ୍ଦ୍ରିୟ ଜନିତ ସୁଖର ଅସାରତା, କ୍ଷଣଭଙ୍ଗୁରତା ଓ ଅପୂର୍ଣ୍ଣତା ତା' ସମ୍ମୁଖକୁ ଆସେ, ଫଳସ୍ୱରୂପ ସାଂସାରିକ ସୁଖ, ଇନ୍ଦ୍ରିୟ ସୁଖଗୁଡ଼ିକ ପ୍ରତି ତା'ର ଆସକ୍ତିକୁ ଅବଶ୍ୟ କିଛି ଆହତ କରିଥାଏ ।

ତା' ମନରେ କ୍ଷଣିକ ବୈରାଗ୍ୟର ଉଦୟ ଅବଶ୍ୟ ହୋଇଥାଏ । ବିଷୟଗୁଡ଼ିକ ପ୍ରତି ତା'ର ମନରେ କ୍ଷଣିକ ବିରକ୍ତି ଅବଶ୍ୟ ଉତ୍ପନ୍ନ ହୋଇଥାଏ । ସେହି କ୍ଷଣିକ ବିରକ୍ତି ପ୍ରତ୍ୟେକ ମନୁଷ୍ୟର ଜୀବନରେ କୌଣସି ନା କୌଣସି ସମୟରେ ଅବଶ୍ୟ ଜାତ ହୋଇଥାଏ, କିନ୍ତୁ ଏହି ବିରକ୍ତି ସ୍ଥାୟୀ ହୋଇ ନ ପାରିବା ବଡ଼ ଦୁଃଖର କଥା । ଏହା କ୍ଷଣିକ ସମୟ ପାଇଁ ହିଁ ହୋଇଥାଏ । ସେଥିପାଇଁ ତ ମନୁଷ୍ୟର ମନ ପୁନଶ୍ଚ ସେହି ବିଷୟ ଭୋଗଗୁଡ଼ିକ ପାଇଁ ବ୍ୟାକୁଳ ହୋଇଥାଏ, ଛଟପଟ ହୋଇଥାଏ ।

ଖୋଲା ଆଖିରେ ବି ମନୁଷ୍ୟ ତା' ସାମନାରେ ଯାହା ଅଛି ତାହା ଦେଖିପାରି ନ ଥାଏ, ବରଂ ତା' ମନର ଆଖି ତାକୁ ଯାହା ଦେଖାଇଥାଏ ସେ ତାହା ଦେଖିଥାଏ । ସେ ଆଖି ବୁଜି ବସିଥାଉ ବା ଖୋଲିକରି ବସିଥାଉ, ମନର ଆଗରେ ସେ ସେହି ବିଷୟଗୁଡ଼ିକର କଳ୍ପନା କରିଥାଏ, ଯାଚନା କରି ଥାଏ, ଲାଳସା ରଖିଥାଏ ଏବଂ ଦର୍ଶନ କରିଥାଏ ।

ଏହିପରି ତା' ମନରେ କ୍ଷଣିକ ପାଇଁ ହିଁ ବିରକ୍ତି ଆସେ ଏବଂ ପରବର୍ତ୍ତୀ କ୍ଷଣରେ ଚାଲିଯାଏ । ମନରେ ବିଷୟଗୁଡ଼ିକ ପ୍ରତି କ୍ଷଣିକ ବୈରାଗ୍ୟ ଉପୁଜେ ଏବଂ ପରବର୍ତ୍ତୀ କ୍ଷଣରେ ତାହା ରହେ ନାହିଁ । ଯେଉଁ ଧନଦୌଲତ, ଧନ ସମ୍ପଦକୁ ପାଇବା ପାଇଁ ବ୍ୟକ୍ତି ଜୀବନ ସାରା ଲାଗି ରହେ, ଶେଷରେ ତାହାକୁ ଛାଡ଼ି ତାକୁ ଖାଲି ହାତରେ ଦୁନିଆରୁ ବିଦାୟ ନେବାକୁ ପଡ଼େ । ଏସବୁକୁ ଆମେ ନିଜ ଆଖିରେ ଦେଖିଥାଉ ଓ ଦୁଃଖୀ ହୋଇଥାଉ ଏବଂ ଭାବିଥାଉ ଯେ ଦେଖ ଏ ଦୁନିଆର ସମସ୍ତ ଦୌଲତ ଛାଡ଼ିଦେଇ ହିଁ ଆମକୁ ଦିନେ ଚାଲିଯିବାକୁ ହେବ ।

ନିଜ ଘରେ, ପରିବାରରେ, ସମାଜରେ ଲୋକଙ୍କୁ ମରୁଥିବାର ଦେଖି ଆମକୁ ଦୁଃଖ ଲାଗିଥାଏ ଏବଂ ତାହା ସହିତ ଆମ ଭିତରେ କ୍ଷଣିକ ବୈରାଗ୍ୟ ଆସିଥାଏ ; କାରଣ ସେମାନଙ୍କୁ ମରୁଥିବାର ଦେଖି ଆମେ ଶରୀରର ନଶ୍ୱରତା, କ୍ଷଣଭଙ୍ଗୁରତାକୁ ବୁଝି ପାରିଥାଉ ।

ଶ୍ମଶାନରେ ବସି ଆମେ ମରିଥିବା ଲୋକଙ୍କୁ ଜଳୁଥିବାର ଦେଖୁ, ଭସ୍ମୀଭୂତ ହେଉଥିବାର ଦେଖୁ ଏବଂ ଜୀବନର ଅସାରତା, କ୍ଷଣଭଙ୍ଗୁରତା ଆମ ଆଖି ସାମନାକୁ ଆସିଯାଏ ଓ ଆମ ଭିତରେ ବୈରାଗ୍ୟ ଜାତ ହୁଏ, ବିରକ୍ତି ଆସେ, କିନ୍ତୁ ପର ମୁହୂର୍ତ୍ତରେ ଯେବେ ଆମେ ଶ୍ମଶାନରୁ ଘରକୁ ଆସୁ ଏବଂ ସାଂସାରିକ କ୍ରିୟାକଳାପରେ ଲାଗିଯାଉ ତ ପୁଣି ଥରେ ସେହି ବୈରାଗ୍ୟ ମନରୁ ଅଦୃଶ୍ୟ ହୋଇଯାଏ ।

ସେହି ବିରକ୍ତି ଅଦୃଶ୍ୟ ହୋଇଯାଏ । ଦୁଃଖର କଥା ଯେ ଏଇ ବିରକ୍ତି ଆମ ଭିତରେ ରହିପାରେ ନାହିଁ, ତିଷ୍ଠିପାରେ ନାହିଁ, ବରଂ ଚାଲିଯାଏ । କିନ୍ତୁ ଯେଉଁ ଦିନ, ଯେଉଁ ସମୟରେ ଏହି ବିରକ୍ତି ଆମ ଭିତରେ ଚିରଦିନ ପାଇଁ ବସିଯିବ, ଅବତରଣ କରିଯିବ, ତିଷ୍ଠିଯିବ, ଅଟକିଯିବ, ସେହି ସମୟରେ ଆମେ ମଧ ତିଷ୍ଠିଯିବା, ଅଟକିଯିବା, ରହିଯିବା । ପ୍ରତି ମୁହୂର୍ତ୍ତରେ ସଂସାରରେ ହେଉଥିବା ଆମର ଦୌଡ଼ ଅଟକିଯିବ, ରହିଯିବ ଏବଂ ଏହି ଅଟକିଯିବା ହିଁ ଆନନ୍ଦ ଦିଗରେ ଆମର ପ୍ରସ୍ଥାନ କରିବାର ଆରମ୍ଭ ହେବ । ଆମ ମନର, ଚିତ୍ତର ଯେଉଁ ବୃତ୍ତିଗୁଡ଼ିକ ଏବେ ସଂସାର ଦିଗରେ, ଭୋଗଗୁଡ଼ିକ ଦିଗରେ ଧାଇଁ ଚାଲିଛି, ସେହି ବୃତ୍ତିଗୁଡ଼ିକ ମଧ ଅଟକିଯିବ, ରହିଯିବ ।

ଯେଉଁ ମୁହୂର୍ତ୍ତରେ ସେଗୁଡ଼ିକ ସ୍ଥାୟୀ ରୂପେ ଅଟକିଯିବ, ରହିଯିବ, ସେହି ମୁହୂର୍ତ୍ତରେ ଆମ ଭିତରେ ଏକ ଅସାଧାରଣ ଘଟଣା ଘଟିଯିବ । କାରଣ ସେତେବେଳେ କ୍ଷଣିକ, କ୍ଷଣଭଙ୍ଗୁର ସୁଖ ପରିବର୍ତ୍ତେ ଶାଶ୍ୱତ ସୁଖ ଓ ଆନନ୍ଦର ଦରିଆ ଆମ ଆତ୍ମାରେ ଫୁଟି ବାହାରିବ ଏବଂ ଆମେ ଚିରଦିନ ପାଇଁ ଆନନ୍ଦରେ ଆପ୍ଲାବିତ ହୋଇଯିବା । ସେତେବେଳେ ଆମେ ଏଇ ସଂସାରରେ ସଶରୀର ତ ରହିବା, କିନ୍ତୁ ସଂସାର ଆମ ଭିତରେ ରହି ପାରିବ ନାହିଁ । - ସଂସାର ଆମ ଭିତରେ ଅଟକି ପାରିବ ନାହିଁ । ସଂସାରର ସୁଖ-ସାଧନ ଆମକୁ ନଚାଇ ପାରିବ ନାହିଁ, ଲୋଭାଇ ପାରିବ ନାହିଁ ।

ଆମେ ସଂସାରରେ ରହିବା, କିନ୍ତୁ ସଂସାରର ହୋଇ ରହିବା ନାହିଁ । କାହିଁକି ? କାରଣ ପ୍ରତିକ୍ଷଣ ଆମକୁ ସଂସାରରେ ରଖୁଥିବା, ବସାଉଥିବା, ବୁଲାଉଥବା ମନ ହିଁ ରହିଯାଇଥିବ । ଚିତ୍ତର ବୃତ୍ତିଗୁଡ଼ିକ ରହିଯାଇଥବ, ଅଟକି ଯାଇଥବ, କିନ୍ତୁ ମନ, ଚିତ୍ତ ଅଟକିଯିବା, ରହିଯିବା ମଧ ସହଜ ନୁହେଁ । ହଁ ! ଏହା କଦାପି ସହଜ ନୁହେଁ, କିନ୍ତୁ ଯେବେ ସାଧକ ନିଜର ହୃଦୟ ଗୁମ୍ଫାରେ ସ୍ଥିତ ନିଜ ଆତ୍ମାରେ - ନିତ୍ୟ ପରମାତ୍ମାଙ୍କ ଧାନ କରିଚାଲେ, ବ୍ରହ୍ମଙ୍କ ଧାନ କରିଚାଲେ ଏବଂ ଅଟକି ନ ଯାଇ, ରହି ନ ଯାଇ, ଅବିରାମ ଦୀର୍ଘ କାଳ ପର୍ଯ୍ୟନ୍ତ ପୂର୍ଣ୍ଣ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ସଂଯମ ପୂର୍ବକ ଜୀବନଯାପନ ସହିତ ଏପରି କରି ଚାଲେ, ସେତେବେଳେ ଚିତ୍ତର ଯେଉଁ ବୃତ୍ତିଗୁଡ଼ିକ ସଂସାର ପ୍ରତି, ବିଷୟଗୁଡ଼ିକ ପ୍ରତି ଗତିଶୀଳ ରହିଛି, ଚଳାୟମାନ ରହିଛି, ସେଗୁଡ଼ିକ ଆତ୍ମାରେ ନିରନ୍ତର ପରମାତ୍ମାଙ୍କ ଧାନ କରି କରି, ବ୍ରହ୍ମଙ୍କ ଧାନ କରି କରି ବ୍ରହ୍ମଙ୍କ ଠାରେ ବିଲୀନ ହୋଇ ବ୍ରହ୍ମରୂପ ପାଲଟିଯାଏ ।

ବ୍ରହ୍ମଙ୍କ ଧାନ କରୁଥିବା ଚିତ୍ତ ଯେତେବେଳେ ବ୍ରହ୍ମଙ୍କ ମଧରେ ଅଟକି ଯାଏ, ରହିଯାଏ, ଲୀନ ହୋଇଯାଏ, ମିଶିଯାଏ, ସେତେବେଳେ ଆତ୍ମାରେ ପରମାନନ୍ଦ ରୂପୀ ପରମାତ୍ମା ସଦାସର୍ବଦା ସକାଶେ ବସିଯାନ୍ତି, ରହିଯାଆନ୍ତି ଏବଂ ସାଧକ ମଧ ସୁଖ-ଦୁଃଖ, ହର୍ଷବିଷାଦରୁ ଉର୍ଦ୍ଧ୍ୱକୁ ଯାଇ ଚିରକାଳ ପାଇଁ ଆନନ୍ଦିତ ହୋଇଯାଏ ।

ବ୍ରହ୍ମଙ୍କ ଧାନ କରୁଥିବା ଚିତ୍ତ ଯେତେବେଳେ ବ୍ରହ୍ମଙ୍କ ମଧରେ ଅଟକି ଯାଏ, ରହିଯାଏ, ଲୀନ ହୋଇଯାଏ, ମିଶିଯାଏ, ସେତେବେଳେ ଆତ୍ମାରେ ପରମାନନ୍ଦ ରୂପୀ ପରମାତ୍ମା ସଦାସର୍ବଦା ସକାଶେ ବସିଯାନ୍ତି, ରହିଯାନ୍ତି ଏବଂ ସାଧକ ମଧ ସୁଖ-ଦୁଃଖ, ହର୍ଷ-ବିଷାଦରୁ ଉର୍ଦ୍ଧ୍ୱକୁ ଯାଇ ଚିରକାଳ ପାଇଁ ଆନନ୍ଦିତ ହୋଇଯାଏ ।

ସେତେବେଳେ ବିଷୟ ଭୋଗଗୁଡ଼ିକ ମଧରେ ରହି ବି ସାଧକ ଅଭୋଗୀ, ଅକାମୀ ହୋଇଥାଏ । କାରଣ ସେତେବେଳେ ସେ ଯୋଗୀ ହୋଇଥାଏ । ଏହି ଅବସ୍ଥା ହିଁ ଜୀବାତ୍ମାର ମୋକ୍ଷର ଅବସ୍ଥା, ଆନନ୍ଦର ଅବସ୍ଥା । ଏହି ଅବସ୍ଥାରେ ନା ସେ ସୁଖୀ ହୋଇଥାଏ, ନା ଦୁଃଖୀ । କାରଣ ସେ ଏ ଦୁଇଟିର ଉର୍ଦ୍ଧ୍ୱକୁ ଚାଲିଯାଏ ଏବଂ ଆନନ୍ଦିତ ହୋଇଥାଏ । ଏଣୁ ଯେଉଁ ସାଧକ ଭଗବାନଙ୍କ ଶରଣରେ ଆସି ନିତ୍ୟ ଭଗବାନଙ୍କ ଧାନ କରିଥାଏ ତାଙ୍କ ନାମ, ରୂପ, ଲୀଳା, ଧାମ, ଗୁଣ ଓ ପ୍ରଭାବ ଆଦିର ଶ୍ରବଣ, ସ୍ମରଣ, କୀର୍ତ୍ତନ ଓ ମନନ କରିଥାଏ ନିଜର ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରିଚାଲେ ଏବଂ ନିଜକୁ ଭଗବାନଙ୍କ ହାତର ଏକ ଯନ୍ତ୍ର ମାତ୍ର ମାନି ନିଜର କର୍ତ୍ତବ୍ୟ କର୍ମ କରିଚାଲେ, ସେ ଅବଶ୍ୟ ସବୁ ପ୍ରକାର ଦୁଃଖରୁ ମୁକ୍ତ ହୋଇ ପରମାନନ୍ଦକୁ ପ୍ରାପ୍ତ କରିନିଏ । ସେ ପରମାନନ୍ଦର ସ୍ରୋତ ପରମାତ୍ମାଙ୍କ ସହିତ ସବୁ ଦିନ ପାଇଁ ଯୋଡ଼ି ହୋଇଯାଏ ।

# ଏକାଗ୍ରତାର ଶକ୍ତି ଅର୍ଜନ କରନ୍ତୁ

ଏକାଗ୍ରତାର ଶକ୍ତି ସର୍ବୋପରି । ମନ ଗୋଟିଏ ବିନ୍ଦୁରେ ଏକାଗ୍ର ହୋଇଗଲେ ଚମତ୍କାର ଘଟିଥାଏ । ବିଦ୍ୟାର୍ଥୀ ଜୀବନ ହେଉ ବା ଚାକିରି-ବ୍ୟବସାୟ, ସମାଜସେବା ଅଥବା ଧର୍ମ-ଅଧାତ୍ମର କ୍ଷେତ୍ର, ସବୁ କ୍ଷେତ୍ରରେ ଏକାଗ୍ରତାର ଶକ୍ତି ହିଁ ବ୍ୟକ୍ତିକୁ ସଫଳ କରିଥାଏ । ଏହା ହିଁ ନିର୍ଦ୍ଧାରିତ କ୍ଷେତ୍ରରେ ସିଦ୍ଧିର ଚାବିକାଠି । ମନର ଶକ୍ତି ସୂର୍ଯ୍ୟଙ୍କର ରଶ୍ମିଗୁଡ଼ିକ ପରି ହୋଇଥାଏ, ଯାହା ସାଧାରଣତଃ ବିଛେଇ ହୋଇ ରହିଥାଏ ଏବଂ ଏହା ସହିତ ଦୈନନ୍ଦିନ ଜୀବନର ସାଧାରଣ କ୍ରିୟାକଳାପ ଚାଲିଥାଏ, କିନ୍ତୁ ଯେତେବେଳେ ସେହି କିରଣଗୁଡ଼ିକ ଯବକାଚ ମାଧମରେ ଗତି କରେ ତ ଏହି ବିଚ୍ଛୁରିତ କିରଣ ଗୋଟିଏ ବିନ୍ଦୁରେ ଏକାଗ୍ର ହୋଇ ନିଜର ଚମତ୍କାର ଦେଖାଇଥାଏ । ଏହାର ସମ୍ପର୍କରେ ଯେଉଁ କାଗଜ, କାଠ ଆଦିର ଖଣ୍ଡ ଆସେ, ତାହା ପ୍ରଜ୍ଜ୍ୱଳିତ ହୋଇ ଅଗ୍ନିମୟ ହୋଇଯାଏ । ସୂର୍ଯ୍ୟକିରଣଗୁଡ଼ିକର ଏହି ପ୍ରଚଣ୍ଡ ଶକ୍ତିର ରହସ୍ୟ ଏହାର ଏକାଗ୍ରତାରେ ହିଁ ଲୁଚି ରହିଥାଏ । ଏହିପରି ବ୍ୟକ୍ତିର ଜୀବନରେ ମନର ଏକାଗ୍ରତା ତାକୁ ସମ୍ବନ୍ଧିତ କ୍ଷେତ୍ରରେ ଉତ୍କର୍ଷର ଶିଖର ପର୍ଯ୍ୟନ୍ତ ନେଇଯାଏ, କିନ୍ତୁ ଅଧିକାଂଶ ଲୋକ ତାହାର ପୂରା ଲାଭ ନେଇ ପାରନ୍ତି ନାହିଁ । ସେମାନଙ୍କ ମନର ଶକ୍ତିଗୁଡ଼ିକ ବିଚ୍ଛୁରିତ ହୋଇ ରହିଥାଏ । ଏହି ବିଚ୍ଛୁରଣର ଅନେକ କାରଣ ଥାଇପାରେ, ଯାହା ମଧ୍ୟରୁ ମୋଟାମୋଟି ରୂପେ କେତୋଟି ମୁଖ୍ୟ କାରଣ ହେଉଛି – ଧ୍ୟେୟ ନିଷ୍ଠାର ଅଭାବ, ପର୍ଯ୍ୟାପ୍ତ ନିଦ ନ ହେବା, ଶାରୀରିକ ସକ୍ରିୟତାର ଅଭାବ, ଆହାର ବିହାର ସମ୍ବନ୍ଧୀୟ ବ୍ୟତିକ୍ରମ ଓ ପ୍ରତିକୂଳ ବାତାବରଣ ।

ସୂଚନା ବିସ୍ଫୋରଣର ଏହି ଯୁଗରେ ଆଜିକାଲି ସୂଚନାଗୁଡ଼ିକର ବହୁଳତା ମନକୁ ଜଟିଳତା ମଧ୍ୟରେ ଫସାଇ ରଖିଥାଏ । ମୋବାଇଲ ଫୋନ୍ ପ୍ରତିକ୍ଷଣ ମନର ଏକାଗ୍ରତାକୁ ଭଙ୍ଗ କରିବା ପାଇଁ ଯେମିତି ତତ୍ପର ରହିଥାଏ । ଏହା ବ୍ୟତୀତ ଅପୂର୍ଣ୍ଣ ନିଦ ଏକାଗ୍ରତା ଅଭାବର ଏକ ବଡ଼ କାରଣ, ଯେଉଁ କାରଣରୁ ମନ ଅନ୍ୟମନସ୍କ ଓ ବିଚ୍ଛୁରିତ ରହିଥାଏ, ସମ୍ପୂର୍ଣ୍ଣ ରୂପେ ଏକାଗ୍ର ହୋଇପାରେ ନାହିଁ ।

ପର୍ଯ୍ୟାପ୍ତ ଶାରୀରିକ ସକ୍ରିୟତାର ଅଭାବ ମଧ୍ୟ ମନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, ଶରୀରରେ କେତେ ପ୍ରକାର ସମସ୍ୟା ଉତ୍ପନ୍ନ ହେବା ଆରମ୍ଭ ହୋଇଯାଏ, ଯାହା ମନକୁ ସ୍ଥିର ଓ ଏକାଗ୍ର ହେବାକୁ ଦିଏ ନାହିଁ । ପୌଷ୍ଟିକ ଓ ସାତ୍ତ୍ୱିକ ଆହାରର ଅଭାବରେ ମନକୁ ଉଚିତ ପୋଷଣ ମିଳିପାରେ ନାହିଁ । ଏହା ସହିତ ତାମସିକ ଓ ରାଜସିକ ଆହାର ମନକୁ ଚଞ୍ଚଳ ଓ ଜଡ଼ କରି ରଖାଏ, ଏପରି ସ୍ଥିତିରେ ଏକାଗ୍ରତା କଠିନ ହୋଇଯାଏ ।

ଏଗୁଡ଼ିକ ସହିତ ବାତାବରଣରେ ବିଦ୍ୟମାନ ଧ୍ୱନୀରୁ ନେଇ ବାୟୁ ଆଦିର ପ୍ରଦୂଷଣ ଭଳି କାରକ ଏକାଗ୍ରତା ସକାଶେ ଆହ୍ୱାନ ହୋଇଥାଏ ଏବଂ ଶେଷରେ ବିଶୃଙ୍ଖଳିତ ଦିନଚର୍ଯ୍ୟା ଓ ଅନୁଶାସନହୀନତା, ମନର ଅସ୍ଥିରତାର ଏକ ମୁଖ୍ୟ କାରଣ ହୋଇଥାଏ । ଏଣୁ ମନକୁ ଏକାଗ୍ର କରିବା ପାଇଁ ସର୍ବପ୍ରଥମେ ମନର ଏକାଗ୍ରତାକୁ ଭଙ୍ଗ କରୁଥିବା କାରକଗୁଡ଼ିକୁ ଗୋଟି ଗୋଟି କରି କମ୍ କରିବାର ପ୍ରୟାସ କରିବା ଉଚିତ ।

ଉଦାହରଣ ସ୍ୱରୂପ କାର୍ଯ୍ୟ ସମୟରେ ନିଜର ମୋବାଇଲ ଫୋନ୍‌କୁ ଦୃଷ୍ଟିଠାରୁ ଦୂରେଇ ରଖନ୍ତୁ । ଗବେଷଣା ଆଧାରରେ ସ୍ପଷ୍ଟ ହୋଇଯାଇଛି ଯେ ମୋବାଇଲ ଫୋନ୍ ଦୃଷ୍ଟି ଠାରୁ ଦୂରେଇ ରହିବା ଦ୍ୱାରା ଏକାଗ୍ରତା ଉତ୍ତମ ହୋଇଥାଏ । ଏଣୁ ଗମ୍ଭୀର କାର୍ଯ୍ୟ ସମୟରେ ଏହାକୁ ଅନ୍ୟ ଏକ କୋଠରିରେ ବା ବ୍ୟାଗରେ ଅଥବା ଫ୍ଲାଇଟ୍ ମୋଡରେ ରଖନ୍ତୁ । ଯାହା ଫଳରେ ଆପଣ ଅନାବଶ୍ୟକ ବାଧାଗୁଡ଼ିକ ଠାରୁ ଦୂରେଇ ରହିବେ ଏବଂ ଏକାଗ୍ର ହୋଇ କାର୍ଯ୍ୟ କରି ପାରିବେ । କାର୍ଯ୍ୟ ପୂରଣ ହେବା ପରେ ଏକ ନିର୍ଦ୍ଧାରିତ ସମୟରେ ମୋବାଇଲକୁ ଚେକ୍ କରି ପାରନ୍ତି ଏବଂ ତାହା ସହିତ ଜଡ଼ିତ ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ତୁଲାଇ ପାରନ୍ତି ।

ଏହା ସହିତ ଗୋଟିଏ ସମୟରେ ଅନେକ କାମ କରିବାର ଅଭ୍ୟାସ ଉପରେ ଅଙ୍କୁଶ ଲଗାନ୍ତୁ । ଗୋଟିଏ ସମୟରେ ଯେତେ ଅଧିକ କାମ ହାତକୁ ନେବାର ପ୍ରୟାସ କରିବେ, ମନର ଏକାଗ୍ରତା ସେତିକି ଅଂଶରେ ବାଣ୍ଟି ହୋଇଯିବ ତଥା କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ହୋଇ ପାରିବ ନାହିଁ । ତେଣୁ ଗୋଟିଏ ସମୟରେ ଗୋଟିଏ କାମ ହାତକୁ ନିଅନ୍ତୁ । ତାହାକୁ ପୂର୍ଣ୍ଣ ଏକାଗ୍ରତାର ସହିତ ତୁଲାଇ ଆଗକୁ ବଢ଼ନ୍ତୁ । ଏପରି ହେଲେ କାର୍ଯ୍ୟକ୍ଷମତା ବଢ଼ିବ ତଥା ସଫଳତାର ହାର ମଧ୍ୟ ଅଧିକ ହେବ ।

ବର୍ତ୍ତମାନରେ ବଞ୍ଚିବାର ପ୍ରୟାସ କରନ୍ତୁ । ଯାହା ବିତିଗଲା, ସେଥିରେ ଫସି ରହିଲେ କୌଣସି ଲାଭ ହୁଏ ନାହିଁ । ଏହିପରି ଭବିଷ୍ୟ ବିଷୟରେ ଚିନ୍ତା କରିବା ଦ୍ୱାରା କୌଣସି ଉଦ୍ଦେଶ୍ୟ ସାଧ ହୁଏ ନାହିଁ । ଯେତେବେଳେ ମନ ଅତୀତରେ ଅଟକି ରହେ ବା ଭବିଷ୍ୟର ଚିନ୍ତାରେ ବୁଡ଼ି ରହେ, ତ ଏକାଗ୍ରତା କଠିନ ହୋଇଯାଏ । ଏଣୁ ବର୍ତ୍ତମାନରେ ନିଜର କର୍ତ୍ତବ୍ୟ-କର୍ମ ଉପରେ ଧ୍ୟାନକୁ ଏକାଗ୍ର ରଖନ୍ତୁ ।

କାର୍ଯ୍ୟଗୁଡ଼ିକ ମଝିରେ ଛୋଟ ଛୋଟ ବିରତି ନିଅନ୍ତୁ । ଟିକେ ଟହଲି ଆସନ୍ତୁ, ଋତୁ ହିସାବରେ ଜଳ ବା ଅନ୍ୟ ପାନୀୟ ଗ୍ରହଣ କରନ୍ତୁ ଅଥବା କିଛି ସମୟ ମନକୁ ଖାଲି ରଖିବାର ଅଭ୍ୟାସ କରନ୍ତୁ । ରୁଚି ଅନୁରୂପ ନୂଆ କାର୍ଯ୍ୟ କରିବା ଦ୍ୱାରା ମଧ୍ୟ ମନର ଜଡ଼ତା ଭାଙ୍ଗିଯାଏ ଏବଂ ଏକ ନୂତନ ସତେଜତାର ସହିତ କାର୍ଯ୍ୟ କରିବା ସମ୍ଭବ ହୋଇଥାଏ ।

ଯଥାସମ୍ଭବ ପ୍ରକୃତି ସହିତ ବିଚରଣ କରନ୍ତୁ । ଗବେଷଣାରୁ ଜଣାପଡ଼ିଛି ଯେ, ମନ ପ୍ରକୃତିର କୋଳରେ ଯେତେ ଅଧିକ ରହିଥାଏ ତାହା ସେତେ ଅଧିକ ସ୍ୱାଭାବିକ ରୂପେ ସତେଜ ଓ ଏକାଗ୍ର ହୋଇଥାଏ । ନିଜର ମେଜ, କୋଠରି ବା ଘରର ଆଖପାଖରେ ସବୁଜ ବୃକ୍ଷ ଲଗାନ୍ତୁ, ମଝିରେ ମଝିରେ ସେଗୁଡ଼ିକର ଦର୍ଶନ କରନ୍ତୁ, ଯାହା ମନକୁ ଶୀତଳତାର ସହିତ ଶାନ୍ତିର ଅନୁଭବ ଦେବ ଏବଂ ମନକୁ ଏକାଗ୍ର କରିବାରେ ସହାୟକ ହେବ । ଏହା ସହିତ ପର୍ଯ୍ୟାପ୍ତ ନିଦ୍ରା ଯାଆନ୍ତୁ, ଠିକ୍ ସମୟରେ ଶୋଇବା ଓ ଜାଗିବାର ଅଭ୍ୟାସ କରନ୍ତୁ । ଶୟନ କୋଠରିରୁ ମୋବାଇଲକୁ ଦୂରେଇ ରଖନ୍ତୁ, ଯାହା ଶୋଇବା ଓ ଜାଗିବାର କ୍ରମକୁ ନଷ୍ଟ କରିବାର ମୁଖ୍ୟ କାରଣ ହୋଇଥାଏ । ଶାରୀରିକ ରୂପେ ସକ୍ରିୟ ରହନ୍ତୁ । ନିଜର ବ୍ୟବସ୍ଥା ଅନୁରୂପ ବ୍ୟାୟାମରୁ ନେଇ ସକାଳ–ସନ୍ଧ୍ୟାରେ ଟହଲିବାର ବ୍ୟବସ୍ଥା କରନ୍ତୁ ।

ଉତ୍ତମ ସଙ୍ଗୀତ ଶୁଣନ୍ତୁ, ଯାହା ମନକୁ ଏକାଗ୍ର କରିବାରେ ସହାୟକ ହୋଇଥାଏ । ଏହା ସହିତ ନିଜର ପ୍ରାଥମିକତା ସ୍ପଷ୍ଟ ରଖନ୍ତୁ । ଛୋଟ ଛୋଟ କାର୍ଯ୍ୟଗୁଡ଼ିକୁ ସଫଳତା ପୂର୍ବକ ସମ୍ପନ୍ନ କରିଚାଲନ୍ତୁ, ଏହା ଦ୍ୱାରା କାର୍ଯ୍ୟର ଉତ୍ସାହ ଲାଗି ରହିବ, ଏକ ଆଶାପୂର୍ଣ୍ଣ ମନଃସ୍ଥିତିର ସହିତ ଚିତ୍ତ ଏକାଗ୍ର ହେବ ଏବଂ ସତତ ଲକ୍ଷ୍ୟ ଦିଗରେ ବଢ଼ି ଚାଲିବ । ଏସବୁ ସହିତ ମନର ଏକାଗ୍ରତାରେ କାର୍ଯ୍ୟ ପ୍ରତି ରୁଚିର ଗୁରୁତ୍ୱକୁ ବି ବୁଝନ୍ତୁ । ବାସ୍ତବରେ କାର୍ଯ୍ୟରେ ରୁଚି ମନର ଏକାଗ୍ରତାର ପ୍ରମୁଖ କାରକ ହୋଇଥାଏ । ଯେଉଁ କାର୍ଯ୍ୟରେ ବ୍ୟକ୍ତିର ରୁଚି ଥାଏ, ସେଥିରେ ସ୍ୱାଭାବିକ ରୂପେ ବ୍ୟକ୍ତିର ମନ ଲାଗିଥାଏ, ଏକାଗ୍ରତା ସାଧି ହୋଇଥାଏ । ଯେତେବେଳେ କି ଲେଖାପଢ଼ା ସହିତ ଜଡ଼ିତ ଆବଶ୍ୟକ ବିଷୟ ପ୍ରତି ରୁଚିର ଅଭାବରୁ ବିଦ୍ୟାର୍ଥୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ଦେଖାଯାଏ ।

ଏହିପରି କାର୍ଯ୍ୟର ଉପଯୋଗିତାକୁ ବୁଝିବା ମଧ୍ୟ ଏକାଗ୍ରତାର ଶକ୍ତିକୁ ଜନ୍ମ ଦେଇଥାଏ । ଯେବେ କୌଣସି କାର୍ଯ୍ୟର ଲୌକିକ ବା ପାରଲୌକିକ ଲାଭ ସ୍ପଷ୍ଟ ହୋଇଥାଏ, ତ ଲୋକଙ୍କୁ ଏଥି ନିମନ୍ତେ ଏକାଗ୍ର ହୋଇ ପ୍ରୟାସ-ପୁରୁଷାର୍ଥ କରୁଥିବାର ଦେଖାଯାଏ । ଏସବୁ ସହିତ ପ୍ରତିଦିନ ଧ୍ୟାନର ଅଭ୍ୟାସ କରନ୍ତୁ, ଯାହା ମନକୁ ଏକାଗ୍ର କରିବାର ଏକ ଅବ୍ୟର୍ଥ ଉପାୟ । ଏହା ଅନୁଶାସିତ ଜୀବନର ଆଧାରରେ ସମ୍ଭବ ହୋଇଥାଏ । ସଂଯମିତ ଆହାର ବିହାର, ପର୍ଯ୍ୟାପ୍ତ ନିଦ-ବିଶ୍ରାମ ସହିତ ବାଣୀର ବ୍ୟବହାରର ଅନୁଶାସନକୁ ଅନୁସରଣ କରନ୍ତୁ । ଲକ୍ଷ୍ୟ କେନ୍ଦ୍ରିତ ଜୀବନଯାପନ କରନ୍ତୁ ଏବଂ ଏକାଗ୍ରତାର ଗୁରୁତ୍ୱ ଓ ଶକ୍ତିକୁ ବୁଝନ୍ତୁ । ଏହାର ଅର୍ଜନ ସକାଶେ ନିତ୍ୟ ସଚେଷ୍ଟ ପ୍ରୟାସ କରୁଥାନ୍ତୁ ।

ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ ଏକାଗ୍ରତା ଜ୍ଞାନର ଚାବି । ଏକାଗ୍ରତାର ପ୍ରହାର ଦ୍ୱାରା ପ୍ରକୃତି ନିଜର ରହସ୍ୟ ଉଜାଗର କରିଥାଏ । ଜୀବନର ପ୍ରହେଳୀକୁ ସମାଧାନ କରିବାର ଶକ୍ତି ଏକାଗ୍ରତାରେ ରହିଛି । ଯଦି ମୋତେ ପୁନଃ ନୂଆକରି ଶିକ୍ଷା ପ୍ରାପ୍ତ କରିବାକୁ ହୁଏ, ତେବେ ମୁଁ ସର୍ବପ୍ରଥମେ ଏକାଗ୍ରତାର ଶକ୍ତି ଅର୍ଜନ କରିବି, ଯଦ୍ୱାରା ତଥ୍ୟଗୁଡ଼ିକ ମୋର ଇଚ୍ଛାରେ ହାତ ମୁଠାରେ ରହିବ । ଏହିପରି ଭାବରେ ଏକାଗ୍ରତାର ଶକ୍ତିକୁ ଜ୍ଞାନର ଚାବିକାଠି ରୂପେ ବୁଝନ୍ତୁ । ଏହାର ଅର୍ଜନ ହେତୁ କରାଯାଇଥିବା କୌଣସି ପ୍ରୟାସକୁ ହାଲୁକା ଭାବରେ ନିଅନ୍ତୁ ନାହିଁ ଏବଂ ସତତ ଏହାର ଅଭ୍ୟାସ କରୁଥାନ୍ତୁ ।

## ଦହି ଖାଇବା ଉପକାରୀ

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଏହା ପେଟ ଥଣ୍ଡା ରଖିବା ସହ ଖାଦ୍ୟ ଶୀଘ୍ର ହଜମ କରାଇଥାଏ । ଦହିରେ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍, ଲାକ୍ଟୋଜ୍, ଲୌହ, ଫସଫରସ



ତତ୍ତ୍ୱଗୁଡିକ ଭରପୂର ଥିବାରୁ ତାହା ଶରୀରକୁ ଶକ୍ତି ଯୋଗାଇଥାଏ ।

ଦ୍ୱିପହର ଭୋଜନରେ ଦହି ଖାଉଥିବା ଲୋକଙ୍କ ମସ୍ତିଷ୍କ ଶାନ୍ତ ରହେ ଓ ଭଲ ନିଦ ହେଉଥିବାର ପରୀକ୍ଷାରୁ ଜଣାପଡିଛି ।

ଦହିରେ ମହଜୁଦ୍ ଥିବା ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ହାଡ଼ ମଜଭୁତ୍ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ ।

ଗରମଦିନେ ଏହା ଏକ ସର୍ବୋତ୍ତମ ପାନୀୟ । ଦହି ଗରମରେ ପିଇଲେ ଶରୀରକୁ ଶୀତଳତା ପ୍ରଦାନ କରେ ।

## ବହୁ ଗୁଣରେ ଭରପୁର ମେଥି ଶାଗ

ସ୍ୱାଦରେ ଅଳ୍ପ କଡ଼ା ଲଗୁଥିବା ମେଥି ଶାଗରେ ବହୁ ପୋଷଣ ତତ୍ତ୍ୱ ଭରି ରହିଛି । ବହୁ ରୋଗ ସମାଧାନ ନିମନ୍ତେ ମେଥି ଶାଗକୁ ଖାଇବା ପାଇଁ ପ୍ରାଚୀନ କାଳର କବିରାଜ ପରାମର୍ଶ ଦେଇଥାନ୍ତି । ଏହିପରିକି ମେଥି ଶାଗକୁ ଚେରମୂଳ ଔଷଧରେ ମଧ୍ୟ ବ୍ୟବହାର କରାଯାଏ । ଏହି ଶାଗକୁ ପ୍ରତ୍ୟେକ ଦିନ ଖାଇଲେ ଶରୀରର ତାପ ବଢ଼ିଥାଏ । ଅତ୍ୟଧିକ ଥଣ୍ଡା ସମସ୍ୟା ଦେଖାଯାଇଥିବା ବ୍ୟକ୍ତି କିମ୍ବା ଏସିନୋଫେଲିଆ ରୋଗୀ ଏହି ଶାଗକୁ ସେବନ କଲେ ଉପଶମ ମିଳେ । ମେଥି ଶାଗରେ ତମ୍ବା, ପୋଟାସିୟମ, କ୍ୟାଲସିୟମ, ଲୌହ, ସେଲେନିୟମ, ଦସ୍ତା ମାଙ୍ଗାନିଜ ଓ ମ୍ୟାଗ୍ନେସିୟମ ଭଳି ଖଣିଜ ତତ୍ତ୍ୱରେ ଭରପୂର ହୋଇ ରହିଥାଏ । ଏହାଛଡ଼ା ଏଥିରେ ଭିଟାମିନ୍ ଭରି ରହିଥାଏ । ପେଟ ସମସ୍ୟା ଦେଖା ଯାଉଥିବା ବ୍ୟକ୍ତିଙ୍କ ପାଇଁ ମେଥି ଶାଗ ଏକ ବରଦାନ । ଏହା ପାଚନ ସମସ୍ୟା ଦୂର କରେ । ମେଥି ଚା'କୁ ପ୍ରତ୍ୟେକ ଦିନ ସେବନ କଲେ ପେଟ ଯନ୍ତ୍ରଣାରୁ ମୁକ୍ତି ମିଳେ । ଶରୀରରେ ଦରଜ କିମ୍ବା ଗଣ୍ଠି ଦରଜ ଦେଖାଗଲେ ମେଥି ଶାଗକୁ ସେବନ କଲେ ଏହି ସମସ୍ୟାରୁ ମୁକ୍ତି ମିଳେ । ମେଥିରେ କ୍ୟାଲସିୟମ୍, ଆଇରନ ଓ ଫସଫରସ ରହିଥାଏ । ଯାହା ଗଣ୍ଠି ସମସ୍ୟା ଦୂର କରେ । ମେଥି ଶରୀରରେ କୋଲେଷ୍ଟରୋଲ ସ୍ତରକୁ କମ୍ କରେ । ଏଥିରେ ଲିପ୍ରୋପ୍ରୋଟିନ୍ ଓ ଆମିନୋ ଏସିଡ୍ ରହିଥାଏ । ଆମିନୋ ଏସିଡ୍ ଶରୀରରେ ଇନସୁଲିନକୁ ଉତ୍ପନ୍ନ କରିବାରେ ସାହାଯ୍ୟ କରେ । ଏଣୁ ମଧୁମେହ ରୋଗୀ ଏହି ଶାଗକୁ ଖାଇବା ଉଚିତ । ହୃଦୟକୁ ସୁସ୍ଥ ରଖିବାରେ ମେଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଗାଲାକ୍ଟୋମାନାନ୍ ପୋଷଣ ଥିବା କାରଣରୁ ଏହା ହୃଦୟ ମାଂସପେଶୀକୁ ମଜବୁତ କରାଇଥାଏ ।



ମେଥିରେ ପୋଟାସିୟମ ଥିବା କାରଣରୁ ଶରୀରରେ ରକ୍ତ ସଂଚାଳନ ସନ୍ତୁଳନ ରହିଥାଏ । ମେଥି ଶାଗର ବାସ୍ନା ଏବଂ ସ୍ୱାଦ କାରଣରୁ ଏହାକୁ ଶୁଖାଇ ଖାଦ୍ୟରେ ବ୍ୟବହାର କରାଯାଏ । ପାଚନ ସମସ୍ୟା ଓ ଗ୍ୟାସ ସମସ୍ୟାକୁ ଦୂର କରିବା ପାଇଁ ପ୍ରାଚୀନ କାଳରେ ମେଥି ଚା' ସେବନ କରୁଥିଲେ । ମେଥି ଶାଗକୁ ଶୁଖାଇ ପାଣିରେ ଫୁଟାଇ ମେଥି ଚା' କରାଯାଇଥାଏ । ଏହାଛଡ଼ା ଏହି ଚା'କୁ କେଶ ଧୋଇବାରେ ବ୍ୟବହାର କରାଯାଏ ।

## ଆଜିର ଚିନ୍ତନ

ମହାଭାରତର ଶାନ୍ତିପର୍ବରେ ଗୋଟିଏ ବଢ଼ିଆ କଥା ରହିଛି । କଥାଟି ହେଉଛି ଶକୁନିଲୁବ୍ଧକ ନାମକ ଜଣେ ବ୍ୟାଧର । ତା'ର ମୁଖ୍ୟ କର୍ମ ହେଲା । ପଶୁପକ୍ଷୀମାନଙ୍କୁ ବଧ କରିବା, ସେ ପ୍ରତିଦିନ ସେମାନଙ୍କର ଶିକାର କରୁଥିଲା ।

ଥରେ ସେ ଦିନ ତମାମ ବଣରେ ବୁଲିଲା, କିନ୍ତୁ ତାକୁ ଶିକାର ପାଇଁ କୌଣସି ପ୍ରାଣୀ ମିଳିଲେ ନାହିଁ । ଥକିଯାଇ ସେ ଗୋଟିଏ ବୃକ୍ଷ ତଳେ ବସି ପଡ଼ିଲା । ସେତେବେଳେ ହଠାତ୍ ମେଘ ଘୋଟି ଆସିଲା ଏବଂ ସେଠାରେ ପ୍ରବଳ ବେଗରେ ତୋଫାନ ବହିଲା । ଅଳ୍ପ ସମୟ ପରେ ମୁଷଳଧାର ବର୍ଷା ମଧ୍ୟ ଆରମ୍ଭ ହୋଇଗଲା । ସେହି ବୃକ୍ଷ ଉପରେ ପକ୍ଷୀ ଓ ପକ୍ଷିଣୀ ବାସ କରୁଥିଲେ । ବର୍ଷା ହେବାରୁ ପକ୍ଷିଣୀ ଶୀଘ୍ର ନିଜର ବସାକୁ ଫେରି ଆସିଲା । ବ୍ୟାଧ ତାକୁ ଦେଖି ଧରିନେଲା ଓ ନିଜ ପଞ୍ଜୁରିରେ ବନ୍ଦ କରିଦେଲା । ଯେତେବେଳେ ପକ୍ଷୀ ବସାକୁ ଫେରିଲା ତ ପକ୍ଷିଣୀକୁ ସେଠାରେ ନ ଦେଖି ବିଳାପ କରିବାକୁ ଲାଗିଲା ।

ପକ୍ଷୀକୁ କାନ୍ଦିବାର ଦେଖି ପକ୍ଷିଣୀ କହିଲା– 'ହେ ପ୍ରିୟତମ ! ତୁମେ ଏତେ ବିଳାପ କାହିଁକି କରୁଛ ? ଆମର ବୃକ୍ଷ ରୂପୀ ଘରକୁ ଜଣେ ଅତିଥି ଆସିଛନ୍ତି । ଅତିଥିଙ୍କ ସତ୍କାର କରିବା ଗୃହସ୍ଥର କର୍ତ୍ତବ୍ୟ ହୋଇଥାଏ । ତୁମେ ତୁମର କର୍ତ୍ତବ୍ୟ ପାଳନ କର । ତାଙ୍କୁ ଥଣ୍ଡା ନ ଲାଗୁ, ତାଙ୍କ କ୍ଷୁଧା ଦୂର ହେଉ– ଏହା ତୁମର କର୍ତ୍ତବ୍ୟ ହେବା ଉଚିତ । ମୁଁ ପଞ୍ଜୁରିରେ ବନ୍ଦ ହୋଇଛି, ଅନ୍ୟଥା ମୁଁ ଏହି କାର୍ଯ୍ୟକୁ ପୂର୍ଣ୍ଣ କରିଥାନ୍ତି । ପକ୍ଷୀ ନିଜ ଅଣ୍ଟରେ ଶୁଖୁଲା ପତ୍ର ଓ କାଠ ଏକାଠି କଲା ଏବଂ କାହା ଘରୁ ଅଗ୍ନି ଆଣି ସେଠାରେ ଅଗ୍ନିସ୍ଥାପନା କଲା । ସେହି ଗରମରେ ବ୍ୟାଧର ଥଣ୍ଡା ଦୂର ହେଲା । ଭୋଜନର ଅନ୍ୟ କୌଣସି ବ୍ୟବସ୍ଥା ନ ଦେଖି ପକ୍ଷୀ ସେହି ଅଗ୍ନିକୁ ଡେଇଁ ପଡ଼ିଲା । ଏହି ଦୃଶ୍ୟ ଦେଖି ବ୍ୟାଧର ମନ ହାହାକାର କଲା । ବିଚାର କଲା ଯେ ମୁଁ କେତେ କ୍ରୁର, ନିର୍ଦ୍ଦୟ ବ୍ୟକ୍ତି । ଇଏ ପକ୍ଷୀ ହୋଇ ମଧ୍ୟ ବଳିଦାନର ଭାବ ରଖୁଛି ଏବଂ ମୁଁ ମନୁଷ୍ୟ ହୋଇ କିପରି ଆସୁରୀ କର୍ମ କରୁଛି । ଏପରି ବିଚାର କରି ସେ ପକ୍ଷିଣୀକୁ ପଞ୍ଜୁରୀରୁ ବାହାର କରିଦେଲା । ନିଜର ପତି ଦେବଙ୍କୁ ଜଳୁଥିବାର ଦେଖି ପକ୍ଷିଣୀ ମଧ୍ୟ ସେହି ଅଗ୍ନି ମଧ୍ୟକୁ ଡେଇଁ ପଡ଼ିଲା । ଏହି ଦୃଶ୍ୟ ଦେଖି ବ୍ୟାଧ ନିଜର ଅସ୍ତ୍ରଶସ୍ତ୍ର ଫିଙ୍ଗିଦେଲା ଏବଂ ତପସ୍ୟା କରିବା ପାଇଁ ଗହନ ବନ ମଧ୍ୟକୁ ଚାଲିଗଲା ।

ବର୍ଷ ୨୮, ସଂଖ୍ୟା - ୧୩, ୩୧ ମାର୍ଚ୍ଚ - ୦୬ ଅପ୍ରେଲ ୨୦୨୪

# ଗଣତନ୍ତ୍ରରେ ବିଲକ୍ଷଣ

**ସେ**ବକ ଏକ ବ୍ୟାପକ ଅର୍ଥ ବୋଧକ ଶବ୍ଦ । ଯେଉଁମାନେ ସେବା ପାଇଁ ସମର୍ପିତ ବା ନିୟୋଜିତ ସେମାନଙ୍କୁ ସେବକ କୁହାଯାଏ । କେବଳ ମଠମନ୍ଦିରରେ ନିୟୋଜିତ ବ୍ୟକ୍ତିମାନଙ୍କୁ ନୁହେଁ, ଶାସନ ତନ୍ତ୍ରରେ ନିୟୋଜିତ ବ୍ୟକ୍ତିମାନଙ୍କୁ ମଧ ସେବକ କୁହାଯାଏ । ଇଂରେଜ ଶାସନ ବେଳେ ବିଭିନ୍ନ ବର୍ଗ ଓ ପଦବୀଭିତ୍ତିକ କର୍ମରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ସରକାରୀ କର୍ମଚାରୀ କୁହାଯାଉଥିଲା । ଦେଶ ସ୍ୱାଧୀନ ହେବାପରେ ସର୍ବଭାରତୀୟ ବା ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ସେବା ଏବଂ ଅଧସ୍ତନ ସେବା ପରିସରରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ ସେବା ସଂହିତା ଆଧାରରେ ପରିଚାଳିତ ଓ ନିୟନ୍ତ୍ରିତ ଯୋଗୁଁ ସମସ୍ତେ ସାଧାରଣ ସେବକ ପଦବାଚ୍ୟ । ଚାକିରିରେ ଯୋଗଦାନ ଦିନ ସେମାନେ ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଦେଇ ନାଗରିକଙ୍କ ସେବାରେ ଅବହେଳା ନ କରିବା ପାଇଁ ଲିଖିତ ଘୋଷଣାନାମା ମଧ ଦେଇଥାଆନ୍ତି । ତେଣୁ ପଦବୀ ଅନୁଯାୟୀ ଦେଶର ସର୍ବୋଚ୍ଚ ବେତନଧାରୀଙ୍କଠାରୁ ରାଜ୍ୟର ସର୍ବନିମ୍ନ ବେତନଧାରୀଙ୍କ ପରିଚୟ ନିଶ୍ଚିତ ସାଧାରଣ ସେବକ । ଗଣତନ୍ତ୍ରର ଆଭିମୁଖ୍ୟ ବଜାୟ ରଖି ନିୟମାନୁମୋଦିତ ପରିସର ମଧରେ ସାଧାରଣ ନାଗରିକଙ୍କ ସେବା ପାଇଁ ସେମାନଙ୍କ ନିଯୁକ୍ତି ଉଦ୍ଦିଷ୍ଟ । ସେଥିପାଇଁ ପ୍ରତ୍ୟେକ ସେବା ପଦବୀଭୁକ୍ତ କର୍ମଚାରୀ ବା ଅଧିକାରୀମାନେ ଦେଶ ଓ ରାଜ୍ୟ ଜନତାଙ୍କର ସାମ୍ବିଧାନିକ ଅଧିକାରକୁ ଦୃଢ଼ ଓ ନିଶ୍ଚିତ କରାଇବା ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ମନେ କରିବା ଉଚିତ । କିନ୍ତୁ ଦେଖାଯାଉଛି ଯେ ସେଇ ସାଧାରଣ ସେବକମାନେ ଦେଶ ଓ ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା ନିଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରୀ କଳର ଢେର୍ ଉପଯୋଗ ଓ ଅପବ୍ୟବହାର କରୁଛନ୍ତି । ଆଜି ପ୍ରତି କ୍ଷେତ୍ରରେ ଦୁର୍ନୀତିର କାୟା ବିସ୍ତାର ମୂଳରେ ସେବା ପରିସରଭୁକ୍ତ କର୍ମଚାରୀ ଓ ଅଧିକାରୀ ରହିଛନ୍ତି । ସେମାନେ ଦୃଢ଼ ରହିଲେ ଦେଶ ନିଶ୍ଚିତ ଦୁର୍ନୀତି ମୁକ୍ତ ହୋଇଯିବ । କହିବା ବାହୁଲ୍ୟ ଯେ ବିଗତ ଶତାବ୍ଦୀରେ ସର୍ବାଧିକ କୋଡ଼ିଏ ଶତାଂଶ ସାଧାରଣ ସେବକ ଦୁର୍ନୀତି ଯୁକ୍ତ ଥିଲେ । ଏବେ ସମପରିମାଣରେ ସାଧାରଣ ସେବକ ଦୁର୍ନୀତି ମୁକ୍ତ ମଧ ନୁହନ୍ତି ।

ଗଣତନ୍ତ୍ରର ଅନ୍ୟତମ ଅଙ୍ଗ ବ୍ୟବସ୍ଥାପକ । ନୀତି ମଧରେ ଶ୍ରେଷ୍ଠ ହେଉଛି ରାଜନୀତି । କିନ୍ତୁ ଏଥିରେ ଭୋଗ ପରିବର୍ତ୍ତେ ତ୍ୟାଗ ହିଁ ଥାଏ । ଯେଉଁମାନେ ରାଜନୀତିକୁ ଜୀବିକାକରି ନିର୍ବାଚିତ ହୁଅନ୍ତି ସେମାନେ ମଧ ଜନସେବକ ପଦବାଚ୍ୟ ହୋଇଥାନ୍ତି । ନିର୍ବାଚିତ ଜନପ୍ରତିନିଧିମାନେ ସମ୍ମାନ, ଭତ୍ତା ସହ ଅନେକ ଆନୁଷଙ୍ଗିକ ସୁବିଧା ପଦ୍ଧତିରେ ସାଧାରଣ ଜନତାଙ୍କ ଦ୍ୱାରା ନିର୍ବାଚିତ ଜନସେବକମାନେ ରାଜ୍ୟ ବା ଦେଶର ସୁପରିଚାଳନା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ମଧରେ ବିଧେୟକ ବା ସଂକଳ୍ପ ଗୃହୀତ କରାନ୍ତି । କାର୍ଯ୍ୟପାଳିକା ଅଧୀନ ସାଧାରଣ ସେବକଙ୍କ ଦ୍ୱାରା ତାହା କାର୍ଯ୍ୟକାରୀ ହୋଇଥାଏ । ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଜନସେବକ ଓ ନିଯୁକ୍ତି ପ୍ରକ୍ରିୟାରେ ଅବସ୍ଥାପିତ କାର୍ଯ୍ୟପାଳିକାର ସାଧାରଣ ସେବକ ଜନତାଙ୍କ ପାଖରେ ସର୍ବଦା ଉତ୍ତରଦାୟୀ । କିନ୍ତୁ ତଫାତ୍ ଏତିକି ଯେ ସାଧାରଣ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ସହ ଦକ୍ଷତା ମାନଦଣ୍ଡ ଥାଏ । ଏହି ସେବା ପାରମ୍ପରିକ ନୁହେଁ । କିନ୍ତୁ ଜନସେବକଙ୍କୁ ଜନ ସମର୍ଥନ ଓ ଦଳୀୟ ଆସ୍ଥା ଯୋଗ୍ୟ କରାଇଥାଏ, ଯାହାକି ଏବେ ବାହୁ ଓ ଧନବଳରେ ରୂପାନ୍ତର ହୋଇସାରିଛି । ଗଣତନ୍ତ୍ରର ଏହି ଦୁଇ ସ୍ତମ୍ଭ ମଧରେ ଯଦି ଗୋଟିଏ ଅନ୍ୟକୁ କବଳିତ କରେ ସେତେବେଳେ ଗଣତନ୍ତ୍ର ସୁସ୍ଥ ହୋଇ ନ ପାରେ । ଏହା ସତ୍ୟ ଯେ ଗଣତାନ୍ତ୍ରିକ ସେବା ପ୍ରକ୍ରିୟାରେ କୌଣସି ଅଦୃଶ୍ୟ ଶକ୍ତି ନ ଥାନ୍ତି ବା କେହି ମଧ ସର୍ବଶକ୍ତିମାନ ନୁହନ୍ତି । ସମସ୍ତଙ୍କ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ମଣରେଖା ରହିଛି । ସାଧାରଣ ଜନତା ଓ ଭୋଟର ହିଁ ସର୍ବଶକ୍ତିମାନ । ଆମ ବିଧି ବ୍ୟବସ୍ଥାରେ ଅବଶ୍ୟ ନିର୍ବାଚିତ ଜନନେତାମାନେ ରାଜ୍ୟ ଓ ଦେଶର ହିତ ଏବଂ ଜନତାଙ୍କ ଉନ୍ନତି ପାଇଁ ବିଧାନ ନିର୍ଦ୍ଧାରଣ କରୁଥିବାରୁ ସେମାନଙ୍କ ସ୍ଥାନ ଉର୍ଦ୍ଧ୍ୱରେ ନିର୍ମିତ ରହିଛି । ନିର୍ବାଚିତ ଜନ ପ୍ରତିନିଧିମାନେ ସାଧାରଣ ସେବକମାନଙ୍କୁ ନିୟନ୍ତ୍ରଣରେ ରଖିବାର ବୈଧାନିକ କ୍ଷମତା ରହିଥାଏ । ବିଗତ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବସ୍ଥାପକମାନଙ୍କର ସେହି ଦକ୍ଷତା ନିଶ୍ଚିତ ଥିଲା । କିନ୍ତୁ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଜନସାଧାରଣଙ୍କ ପାଇଁ ଥିବା ସେବା ବ୍ୟବସ୍ଥାରେ ଅନେକ ବିଲକ୍ଷଣ ପ୍ରକାଶ ପାଉଛି । ବ୍ୟବସ୍ଥାପକମାନେ ସ୍ୱାର୍ଥ, ଅର୍ଥ ଓ କ୍ଷମତା ପାଇଁ କାର୍ଯ୍ୟପାଳିକା ପାଖରେ ଆତ୍ମ ସମର୍ପଣ କରିଥିବା ବେଳେ ତା'ର ଭରପୂର ସୁଯୋଗ କାର୍ଯ୍ୟପାଳିକା ନେଇ ଚାଲିଛି ।

ନିର୍ବାଚନରେ ସଫଳତା ଉଦ୍ଦେଶ୍ୟରେ ବିଭିନ୍ନ ରାଜନୈତିକ ଦଳ ମଧରେ ବୁଝାମଣା ହୋଇଥାଏ । କିନ୍ତୁ କ୍ଷମତା ପାଇଁ ପ୍ରଶାସନ ଓ କ୍ଷମତାସୀନ ରାଜନୈତିକ ଦଳ ମଧରେ ବୁଝାମଣା ଓ ସହଯୋଗ କୁତ୍ରାପି ବିରଳ । ଅବସ୍ଥା ଏପରି ହୋଇଛି ଯେ ବ୍ୟବସ୍ଥାପକଙ୍କ ଅନେକ ଦୁର୍ବଳତାର ରକ୍ଷାକବଚ ସାଜିଥିବା ଉଚ୍ଚ ପଦାଧିକାରୀ ନିଜର ଚାକିରି ଅବଧି ଶେଷ ପରେ ପୁନର୍ବାର ସମ୍ମାନଜନକ ପଦବୀରେ ଥଇଥାନ ହେଉଛନ୍ତି । ନ ହେଲେ ରାଜନୈତିକ ଦଳରେ ସାମିଲ ହୋଇଯାଉଛନ୍ତି । ଏହାଦ୍ୱାରା ପରାମର୍ଶଦାତା ଭାବେ ସୁଯୋଗ ପାଇଁ ବ୍ୟବସ୍ଥାପକମାନଙ୍କ ମାଧମରେ ରାଜକୋଷକୁ ଶୂନ୍ୟ କରିବାର ନୀଳନକ୍ସା ପ୍ରସ୍ତୁତ ହେଉଛି । କିନ୍ତୁ ରାଜକୋଷ ବିନିମୟରେ କ୍ଷମତାସୀନ କରାଇ ବ୍ୟବସ୍ଥାପିକାକୁ କରାୟତ୍ତ କରିବାର ଫଳ ଯେତିକି ବିଷମ, କାର୍ଯ୍ୟପାଳିକା ନିରପେକ୍ଷ ନ ରହି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀକୁ ସହଯୋଗ କରିବା ତା' ଠାରୁ ଅଧିକ ବିଷମ ନିଶ୍ଚିତ । ନିର୍ବାଚନ ବୈତରଣୀ ପାରହୋଇ କ୍ଷମତା ବଜାୟ ରଖିବାକୁ ଅନେକ ସ୍ୱାର୍ଥ ନିହିତ ବ୍ୟକ୍ତିଗତ ସହାୟତା ଘୋଷଣା ସହ ସରକାରୀ ଅର୍ଥ ବିନିମୟରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ରୀତିମତ କୂଟନୈତିକ ପ୍ରସ୍ତୁତି କାର୍ଯ୍ୟପାଳିକା ନିର୍ଦ୍ଦେଶନାରେ ଚାଲୁଛି । ଏଥିପାଇଁ ରାଜକୋଷ ଚାପଗ୍ରସ୍ତ ହେଉଛି । କାର୍ଯ୍ୟପାଳିକାର ଏହି ଆଚରଣ ଯୋଗୁ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ତାହାକୁ ଅନୁଶୀଳନ କଲେ ଜଣାଯାଏ ଯେ ମାଗଣା ଯୋଜନା ବା ବିଭିନ୍ନ ନିର୍ମାଣ କାର୍ଯ୍ୟ ସର୍ବୋପରି ଅନେକ ଅନୈତିକ କାର୍ଯ୍ୟ ନିର୍ବାହ ପାଇଁ ପ୍ରଶାସନ ଯେତିକି ତତ୍ପର, ସାଧାରଣ ଜନତାଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ସେତିକି ବୀତସ୍ପୃହ । ଏଭଳି ଯୋଜନା ଓ ଆର୍ଥିକ ସହାୟତା ଉନ୍ମୁକ୍ତ କରାଯାଉଛି ଯେ ଏବେ ବୃହତ୍ ନଦୀର ବିରାଟ ଘାଇ ଭଳି ରାଜକୋଷର ଅବସ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଭବିଷ୍ୟତ ଶାସକଙ୍କ ପାଇଁ ଏହା ବିରାଟ ସମସ୍ୟା ସୃଷ୍ଟି କରିପାରେ । କିନ୍ତୁ ଉଦ୍‌ବେଗଜନକ କଥା ହେଉଛି ଯେ ବିକାଶ ନାମରେ ବିନାଶର ମଞ୍ଜି ବୁଣାଯାଉଛି । ଏହା ଦେଶ ଓ ରାଜ୍ୟ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ଓ ଗଣତନ୍ତ୍ର ବିଲକ୍ଷଣର ସୂଚନା ଦେଉଛି ।



# ଉପାସନାର ସ୍ଥାନ

ମହାତ୍ମା ଗାନ୍ଧୀ

**ମ**ନ୍ଦିରଗୁଡ଼ିକ ଯେ ରହିଛି, ମୁଁ ତାହାକୁ କଦାପି ଏକ ପାପ କିମ୍ବା ଅନ୍ଧବିଶ୍ୱାସ ବୋଲି ଭାବେ ନାହିଁ । ସାଧାରଣ ଉପାସନାର କୌଣସି ପ୍ରକାର ଏବଂ ଉପାସନା ଲାଗି ଏକ ସାଧାରଣ ସ୍ଥାନ –ଏଗୁଡ଼ିକ ହୁଏତ ମନୁଷ୍ୟଲାଗି ଅବଶ୍ୟ ଗୋଟିଏ ଗୋଟିଏ ଆବଶ୍ୟକତା ହୋଇ ରହିବ । ମନ୍ଦିରମାନଙ୍କରେ ମୂର୍ତ୍ତି ରହିବ କି ନାହିଁ । ଅବଶ୍ୟ ତାହା ରୁଚି ବା ମିଜାଜର ଗୋଟିଏ ପ୍ରଶ୍ନ ହୋଇ ରହିଥିବ । ମୂର୍ତ୍ତିସବୁ ରହିଥିବା ହିନ୍ଦୁ ଅଥବା ରୋମାନ୍ କାଥେଲିକ୍ ଉପାସନା ସ୍ଥାନଗୁଡ଼ିକୁ ମୁଁ ସେହି କାରଣରୁ ହିଁ ଆଦୌ ମନ୍ଦ ବା ଅନ୍ଧବିଶ୍ୱାସପୂର୍ଣ୍ଣ ବୋଲି ବିଚାର କରେନାହିଁ ଏବଂ କୌଣସି ମସ୍‌ଜିଦ୍ ବା ପ୍ରୋଟେଷ୍ଟାଣ୍ଟ୍ ଉପାସନାସ୍ଥାନରେ ମୂର୍ତ୍ତିମାନ ନଥାନ୍ତି ବୋଲି ମୋଟେ ତାହାକୁ ଭଲ ଅଥବା ଅନ୍ଧବିଶ୍ୱାସରୁ ମୁକ୍ତ ବୋଲି କହେ ନାହିଁ । କ୍ରୁଶ ଅଥବା ଧର୍ମଗ୍ରନ୍ଥରୂପୀ କୌଣସି ପ୍ରତୀକ ଅତି ସହଜରେ ହିଁ ପୌତ୍ତଳିକତାର କାରଣ ମଧ ହୋଇପାରିବ ଏବଂ ତେଣୁ ସେଥିରେ ଅନ୍ଧବିଶ୍ୱାସ ବି ପଶିଯାଇ ପାରିବ ଅନ୍ୟପକ୍ଷରେ, ବାଳକ କୃଷ୍ଣ ବା କୁମାରୀ ମେରୀଙ୍କର ମୂର୍ତ୍ତିର ଉପାସନା ମଧ ହୃଦୟରେ ଉତ୍ତୋଳନ ଆଣି ଦେଇପାରିବ ଓ ଅନ୍ଧବିଶ୍ୱାସରୁ ମୁକ୍ତ ରହିପାରିବ । ଜଣେ ଉପାସକ ତା'ର ହୃଦୟ ଭିତରେ କେଉଁଭଳି ଦୃଷ୍ଟିକୋଣ ରଖିଛି ଏକଥା ତାହାରି ଉପରେ ହିଁ ନିର୍ଭର କରୁଛି ।

ଉପାସନାର ସ୍ଥାନଗୁଡ଼ିକୁ ମୁଁ କେବଳ ଇଟା ଓ ସିମେଣ୍ଟର ଏକ ଗଠନ ବୋଲି ଆଦୌ ଦେଖେ ନାହିଁ । ସେଗୁଡ଼ିକ ସତ୍ୟର ହିଁ ଏକ ଛାୟା ହୋଇ ରହିଥାନ୍ତି । ଯେତିକି ଗୀର୍ଜା, ଯେତିକି ମସ୍‌ଜିଦ୍ ଏବଂ ମନ୍ଦିର ଧ୍ୱଂସ ହୋଇ ଯାଉଥାଏ, ସେଗୁଡ଼ିକର ସ୍ଥାନରେ ଶହ ଶହ ସଂଖ୍ୟାରେ ନୂଆମାନ ତିଆରି ହେବାରେ ମଧ ଲାଗିଥାଏ । ମୁଁ ଏପରି କୌଣସି ଧର୍ମ କିମ୍ବା ସମ୍ପ୍ରଦାୟକୁ ଜାଣେନାହିଁ, ଯାହାର କି ଈଶ୍ୱରଙ୍କ ଲାଗି ଆଦୌ କୌଣସି ଗୃହ ରହି ନଥିଲା କିମ୍ବା ରହିନାହିଁ, ସେଗୁଡ଼ିକୁ ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ସିନାଗଗ୍ ଓ ଅଗିଆରୀ ପ୍ରଭୃତି ନାନା ନାମରେ ବର୍ଣ୍ଣନା କରାଯାଇଛି । ଏଥିରେ ମଧ କୌଣସି ନିଶ୍ଚିତତା ନାହିଁ ଯେ ଯୀଶୁଙ୍କ ସମେତ ବଡ଼ ବଡ଼ ସଂସ୍କାରକମାନଙ୍କ ମଧରୁ କେହି ମନ୍ଦିରଗୁଡ଼ିକୁ ଏକାବେଳେକେ ନଷ୍ଟ କରି ଦେଇଥିଲେ ଅଥବା ବର୍ଜନ କରିଥିଲେ । ସେମାନେ ସମସ୍ତେ ମନ୍ଦିରଗୁଡ଼ିକରୁ ତଥା ସମାଜରୁ ଦୁର୍ନୀତିର ଲୋପ କରିବାଲାଗି ଇଚ୍ଛା କରିଥିଲେ ।... ବହୁବର୍ଷ ହେଲା ମୁଁ କୌଣସି ମନ୍ଦିରକୁ ଯାଇନାହିଁ, ମାତ୍ର ସେଥିଲାଗି ମୁଁ ଆଗ ଅପେକ୍ଷା ଜଣେ ଅଧିକ ଭଲ ବ୍ୟକ୍ତି ହୋଇଯାଇଛି ବୋଲି ଆଦୌ ମନେ କରୁନାହିଁ । ସମର୍ଥ ଥିଲାବେଳେ ମୋ'ର ମାଆ କେବେହେଲେ ମନ୍ଦିରକୁ ଯିବା ବନ୍ଦ କରି ନ ଥିଲେ । ସମ୍ଭବତଃ ମୋ' ବିଶ୍ୱାସଠାରୁ ତାଙ୍କର ବିଶ୍ୱାସ ଅଧିକ ଥିଲା, ମୁଁ କୌଣସି ମନ୍ଦିରକୁ ନଯାଇଥିଲେ ମଧ ମାଆଙ୍କ ବିଶ୍ୱାସ ମୋ' ବିଶ୍ୱାସଠାରୁ ଅନେକ ଅଧିକ ଥିଲା ।

ମନ୍ଦିର ହେଉ, ମସ୍‌ଜିଦ୍ ହେଉ କିମ୍ବା ଗୀର୍ଜା ହେଉ- ଈଶ୍ୱରଙ୍କର ଏହି ଭିନ୍ନ ଭିନ୍ନ ସଦନ ମଧରେ ମୁଁ କୌଣସି ପାର୍ଥକ୍ୟ ଦେଖେନାହିଁ । ବିଶ୍ୱାସ ହିଁ ସେଗୁଡ଼ିକର ନିର୍ମାଣ କରାଇଛି । ଯେକୌଣସି ପ୍ରକାରେ ସେହି ପରମ ଅଜ୍ଞାତଙ୍କ ପାଖରେ ଯାଇ ପହଞ୍ଚିବା ନିମନ୍ତେ ମନୁଷ୍ୟ ଭିତରେ ଯେଉଁ ବ୍ୟାକୁଳତା ରହିଛି, ତାହାରି ଉତ୍ତର ସ୍ୱରୂପ ସେମାନେ ବିଦ୍ୟମାନ ରହିଛନ୍ତି ।

ଚେତନାର ଉପଲବ୍ଧି (ନିଜ ଭିତରେ ଈଶ୍ୱରଙ୍କର ଜୀବନ୍ତ ଉପସ୍ଥିତିର ବୋଧ) ଲାଗି ମନ୍ଦିରକୁ ଯିବାପ୍ରୟୋଜନ ନଥାଏ, ସେହି ଉପଲବ୍ଧି କହିଲେ ମନ୍ଦିର ଯିବାକୁ ମଧ ବୁଝାଏ ନାହିଁ । ପଥରରେ ନିର୍ମିତ ସୌଧଗୁଡ଼ିକ ନୁହେଁ ଆମର ଶରୀରଗୁଡ଼ିକ ହିଁ ହେଉଛନ୍ତି ପ୍ରକୃତ ମନ୍ଦିର । ଉପରେ ମୁକ୍ତ ଆକାଶ ଚାନ୍ଦୁଆ ପରି ହୋଇ ରହିଥିବ ଏବଂ ନିମ୍ନରେ ଧରଣୀରୂପିଣୀ ମାତା ଚଟାଣ ପରି ହୋଇ ରହିଥିବେ ସାମୂହିକ ଉପାସନା ଲାଗି ତାହାହିଁ ସର୍ବୋତ୍ତମ ସ୍ଥାନ ।

ମୁଁ ପୁଣିଥରେ ଜନ୍ମ ହେବାକୁ ଚାହୁଁନାହିଁ । ମାତ୍ର ଯଦି ମୋତେ ପୁନର୍ବାର ଜନ୍ମଗ୍ରହଣ କରିବାକୁ ହୁଏ, ତେବେ ମୁଁ ଜଣେ ଅସ୍ପୃଶ୍ୟ ହୋଇ ଜନ୍ମନେବି, ଯେପରିକି ମୁଁ ସେମାନଙ୍କ ଦୁଃଖ, କଷ୍ଟଭୋଗ, ଏବଂ ସେମାନଙ୍କ ପ୍ରତି କରା ଯାଉଥିବା ଅପମାନଗୁଡ଼ିକରୁ ଭାଗ ନେଇ ପାରିବି । ଯେପରିକି ମୁଁ ମୋତେ ଏବଂ ସେମାନଙ୍କୁ ସେହି ଦୟନୀୟ ଅବସ୍ଥାରୁ ମୁକ୍ତି କରିବାପାଇଁ ଉଦ୍ୟମ କରିପାରିବି । ମୁଁ ସେଇଥପାଇଁ ପ୍ରାର୍ଥନା କଲି ଯେ, ଯଦି ମୁଁ ଆଉଥରେ ଜନ୍ମହେବି । ତେବେ ଜଣେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ବା ଶୂଦ୍ର ହୋଇ ନୁହେଁ, ମାତ୍ର ଜଣେ ଅତିଶୂଦ୍ର ହୋଇ ଜନ୍ମ ହେବି ।

ମୋ' ସ୍ତ୍ରୀ ସହିତ ମୋ'ର ପରିଣୟ ହେବାର ବହୁପୂର୍ବରୁ ଅସ୍ପୃଶ୍ୟତାର ବିଲୋପ ସକାଶେ କାର୍ଯ୍ୟ କରିବା ସହିତ ମୁଁ ପରିଚିତ ହୋଇ ସାରିଥିଲି । ଆମର ଦାମ୍ପତ୍ୟ ଜୀବନରେ ଏପରି ଦୁଇଟି ସମୟ ଆସି ପହଞ୍ଚୁଥିଲା, ଯେତେବେଳେ କି ଅସ୍ପୃଶ୍ୟମାନଙ୍କ ନିମନ୍ତେ କାର୍ଯ୍ୟ କରିବା ଏବଂ ମୋ'ର ପତ୍ନୀ ସହିତ ଏକତ୍ର ରହିବା –ଏହି ଦୁଇଟି ମଧରୁ ଗୋଟିକୁ ବାଛିନେବାକୁ ପଡ଼ିଥାନ୍ତା ଏବଂ ମୁଁ ପ୍ରଥମଟିକୁ ହିଁ ବାଛି ନେଇଥାନ୍ତି । ମାତ୍ର, ମୋ'ର ଉତ୍ତମା ପତ୍ନୀଙ୍କୁ ଅଶେଷ ଧନ୍ୟବାଦ ଯେ ସେହି ସଙ୍କଟଟିକୁ ଏଡ଼ାଇ ଦିଆଯାଇ ପାରିଲା । ମୋ'ର ଆଶ୍ରମରେ ସେହି ଆଶ୍ରମ ହେଉଛି ମୋ'ର ପରିବାର –ସେଠାରେ ଏକାଧିକ ଅସ୍ପୃଶ୍ୟ ବାସ କରୁଛନ୍ତି ଏବଂ ଗୋଟିଏ କଉତୁକିଆ ଫାଜିଲ ଝିଅ ମୋ'ର ନିଜ ଝିଅ ହୋଇ ରହିଛି । ଲୋକମାନଙ୍କୁ ଭଲ ପାଇବାର ପ୍ରବୃତ୍ତିଟି ଅତି ବାଲ୍ୟ କାଳରେ ମୋ' ଆଗରେ ଅସ୍ପୃଶ୍ୟତା ସମସ୍ୟାଟିକୁ ଆଣି ଉପସ୍ଥାପିତ କରି ଦେଇଥିଲା । ମୋ' ମାଆ କହିଥିଲେ, 'ତୁ ଏ ପିଲାଟିକୁ ଛୁଇଁବୁନାହିଁ, ସେ ହେଉଛି ଅସ୍ପୃଶ୍ୟ । ମୁଁ ପଚାରିଲି, ''କାହିଁକି ଛୁଇଁବି ନାହିଁ ? ସେହି ଦିନଠାରୁ ହିଁ ମୋ'ର ବିଦ୍ରୋହ ଆରମ୍ଭ ହୋଇ ଯାଇଥିଲା ।

ଯଦି ଆମେ ଭାରତବର୍ଷର ପାଞ୍ଚଭାଗରୁ ଭାଗେ ମନୁଷ୍ୟଙ୍କୁ ନିରନ୍ତର ଦାସତ୍ୱ ମଧରେ ରଖିବାକୁ ଇଚ୍ଛା କରୁଥିବା ଏବଂ ଜାଣିଶୁଣି ଜାତୀୟ ସଂସ୍କୃତିର ସୁଯୋଗଗୁଡ଼ିକରୁ ସେମାନଙ୍କୁ ବଞ୍ଚିତ କରି ରଖୁବା, ତେବେ ସ୍ୱରାଜ୍ୟ ନାମକ ଶବ୍ଦର ଆଦୌ କୌଣସି ଅର୍ଥ ରହିବନାହିଁ । ଏହି ବିଶୋଧନକାରୀ ମହାନ୍ତି ଆନ୍ଦୋଳନରେ ଆମେ ଈଶ୍ୱରଙ୍କର ସହାୟତା ଲାଗି ପ୍ରାର୍ଥନା କରୁଛ ଏବଂ ଏଣେ ତାଙ୍କଦ୍ୱାରା ସୃଷ୍ଟ ଜୀବମାନଙ୍କ ଭିତରେ ଯେଉଁମାନଙ୍କର ତାହା ସବୁଠାରୁ ଅଧିକ ଆବଶ୍ୟକ, ସେମାନଙ୍କୁ ମନୁଷ୍ୟରୂପେ ଗଣ୍ୟ ହେବାର ଅଧିକାରରୁ ବଞ୍ଚିତ କରି ରଖିଛେଁ । ଆମେ ନିଜେ ଅମାନୁଷିକ ହୋଇ ରହିଥିବା ପର୍ଯ୍ୟନ୍ତ ଅନ୍ୟମାନଙ୍କର ଅମାନୁଷିକତାରୁ ମୁକ୍ତିଲାଭ କରିବା ସକାଶେ ଆମେ କଦାପି ପରମେଶ୍ୱରଙ୍କ ଦରବାରରେ ଯାଇ ଯୁକ୍ତି କରି ପାରିବାନାହିଁ ।

ଧର୍ମର ପବିତ୍ର ନାମ ନେଇ ମନୁଷ୍ୟକୁ ଦଣ୍ଡ ଦେବାରେ ଲାଗିଥିବାକୁ କେବଳ ଏକ ଧର୍ମାନ୍ଧ ଦୁରାଗ୍ରହିତା ବୋଲି ହିଁ କୁହାଯିବ ।

ହିନ୍ଦୁ ଧର୍ମରେ ସଂସ୍କାରମାନ ଆଣିବାକୁ ହେଲେ ଏବଂ ଏହାକୁ ପ୍ରକୃତରେ ସୁରକ୍ଷିତ କରି ରଖିବାକୁ ହେଲେ ଅସ୍ପୃଶ୍ୟତାର ଦୂରୀକରଣ ହେଉଛି ସବା ବଡ଼ କାର୍ଯ୍ୟ ।... ଅସ୍ପୃଶ୍ୟତାର ଦୂରୀକରଣ ହେଉଛି ଏକ ଆଧାତ୍ମିକ ପ୍ରକ୍ରିୟା ।

ଯଦି ଅସ୍ପୃଶ୍ୟତା ବଞ୍ଚହେ, ତେବେ ହିନ୍ଦୁଧର୍ମର ମୃତ୍ୟୁ ସୁନିଶ୍ଚିତ । ଅସ୍ପୃଶ୍ୟତା ରହିବା ଅପେକ୍ଷା ହିନ୍ଦୁ ଧର୍ମର ମୃତ୍ୟୁ ହୋଇଯାଉ ବୋଲି ମୁଁ ଇଚ୍ଛା କରିବି ।

ଅସ୍ପୃଶ୍ୟତା ବିରୋଧରେ ଲଢ଼ାଇ କରି ଏବଂ ଆପଣାକୁ ସେହି ଲଢ଼ାଇପାଇଁ ଉତ୍ସର୍ଗୀକୃତ କରି ରଖି ମୁଁ ମନୁଷ୍ୟଜାତିର ଏକ ସମ୍ପୂର୍ଣ୍ଣ ପୁନରୁଜୀବନ ଅପେକ୍ଷା ଆଦୌ କମ୍ କୌଣସି ଆକାଂକ୍ଷା ନିଜ ମନରେ ପୋଷଣ କରି ନାହିଁ । ଏହା ହୁଏତ କେବଳ ଗୋଟିଏ ସ୍ୱପ୍ନ ହୋଇପାରେ, ସମୁଦ୍ରର ସାମୁକା ଭିତରେ ରୂପାର ଠାବ କରିବାପରି ଅବାସ୍ତବ ହୋଇପାରେ । ଯେପର୍ଯ୍ୟନ୍ତ ସ୍ୱପ୍ନଟି ରହିଛି, ମୁଁ ସେପର୍ଯ୍ୟନ୍ତ ତାହାକୁ ଆଦୌ ଅବାସ୍ତବ ବୋଲି ଭାବୁନାହିଁ ଏବଂ, ଶ୍ରୀ ରୋମାଁ ରୋର୍ଲାଙ୍କର ଭାଷାରେ କହିଲେ, 'ଲକ୍ଷ୍ୟରେ ଯାଇ ପହଞ୍ଚିବାରେ ନୁହେଁ, ଅବିରାମଭାବରେ ଲକ୍ଷ୍ୟର ଅନୁଶୀଳନ କରିବାରେ ହିଁ ବିଜୟ ନିହିତ ହୋଇ ରହିଥାଏ ।

# ସ୍ୱର୍ବେଦ




**ପୁରୁଷ ଜ୍ଞାନ ଗୁଣ ଅମିତ ହୈଁ,**
**ମହିମା ତାସୁ ଅନନ୍ତ ।**
**ରଚନା ସୃଷ୍ଟି ଅନନ୍ତ ହୈଁ, ସଭୀ**
**ଅନନ୍ତ ଅନନ୍ତ ॥୧୨॥**

ଭାଷ୍ୟ - ପୁରୁଷର ଜ୍ଞାନ ଆଉ ଗୁଣ ଅନନ୍ତ ଅଟେ ଏବଂ ତାହାର ମହିମା ମଧ୍ୟ ଅନନ୍ତ ଅଟେ ତଥା ତାହାର ସୃଷ୍ଟି ରଚନା ମଧ୍ୟ ତତୋଧିକ ଅନନ୍ତ ଅଟେ । ଅନନ୍ତର ସମସ୍ତ ବ୍ୟବହାର, କର୍ମ ଅନନ୍ତ ଅଟେ । ମହାପ୍ରଭୁ ଅନନ୍ତ ଜ୍ଞାନ, ବଳ ଏବଂ କ୍ରିୟାର ଅନନ୍ତ ରୂପଗୁଡ଼ିକରେ ପରିପୂର୍ଣ୍ଣ ଅଟନ୍ତି ।

**ୱାଣୀ ଆଦି ମହାନ ହୈଁ, ରଚନା**
**ବ୍ୟୋମ ମହାନ ।**
**ଦ୍ୟୋ ପୃଥ୍ୱୀ ଧାରକ ବନେ, ଜା**
**ପର ଜୀୱ ଜହାନ ॥୧୩॥**

ଭାଷ୍ୟ - ଆଦି ଅକ୍ଷର ମହାନ୍ ଅଟେ, ଯାହା ଦ୍ୱାରା ମହାନ୍ ଆକାଶର ନିର୍ମାଣ ହୋଇଛି । ଅନ୍ତରିକ୍ଷ ଓ ପୃଥ୍ୱୀର ଧାରଣକାରୀ ଅକ୍ଷରବ୍ରହ୍ମ ଅଟନ୍ତି । ସେହି ଅନ୍ତରିକ୍ଷ ଓ ପୃଥିବୀପୃଷ୍ଠରେ ସକଳ ଜୀବଜଗତ ସ୍ଥିତ ହୋଇଛି ।

**ଜ୍ୟୋତୀୟ ଜାକର ସୂର୍ଯ୍ୟ ହୈଁ,**
**ମେଘ ସର୍ୱ ପ୍ରଦ ଜାନ ।**
**ଜଲ କା ରାସି ସମୁଦ୍ର ହୈଁ,**
**ପର୍ୱତ ଶୃଙ୍ଗ ମହାନ୍ ॥୧୪॥**

ଭାଷ୍ୟ - ପୃଥିବୀ ମଣ୍ଡଳକୁ ପ୍ରକାଶ କରୁଥିବା ଶକ୍ତି ସୂର୍ଯ୍ୟ ଅଟନ୍ତି । ସୂର୍ଯ୍ୟକିରଣ ଦ୍ୱାରା ହିଁ ମେଘ ସୃଷ୍ଟି ହୋଇ ପୃଥିବୀ ପୃଷ୍ଠରେ ବର୍ଷା ହୋଇଥାଏ । ଜଳରାଶି ସମୁଦ୍ର ଅଟେ ଏବଂ ପର୍ବତର ମହୀୟାନ୍ ଶିଖର ଅଟେ ।

**ପର୍ୱତ ଉଚ୍ଚ ଉତ୍ତୁଙ୍ଗ ହୈଁ, ସାଗର**
**ଧସା ପତାଲ ।**
**ବୀଚ ମେଁ କ୍ଷେତ୍ର ସମାନ ହୈଁ,**
**ୱିୱିଧ ୱିଧାନ ୱିଶାଲ ॥୧୫॥**

ଭାଷ୍ୟ - ପାହାଡ଼ର ସର୍ବୋଚ୍ଚ ଶିଖର ଅଟେ । ତଳେ ସାଗର ପ୍ରବାହିତ । ଏ ଦୁଇଟିର ମଧ୍ୟଭାଗରେ ସମତଳ ଭୂମି ରହିଛି । ଏମନ୍ତ ଭାବରେ ତଥା ନାନା ପ୍ରକାରରେ ଏହି ବିଶାଳ ପୃଥିବୀର ରଚନା ହୋଇଅଛି ।

**ନଦ ନଦୀ ଝରନା ଚଲେ, ଧାରା**
**ଶିଖର ସମାନ ।**
**କହୀଁ ନୀଚ କହିଁ ଊଁଚ ହୈଁ, ଲୀଲା**
**ଦୃଶ୍ୟ ମହାନ୍ ॥୧୬॥**

ଭାଷ୍ୟ - କେଉଁଠି ବଡ଼ ନଦୀସବୁ ବୋହି ଯାଉଛନ୍ତି ତ ଆଉ କେଉଁଠି ଛୋଟ ନଦୀସବୁ ବୋହି ଯାଉଛନ୍ତି । କେଉଁଠି ଶିଖରରେ ଜଳର ପ୍ରପାତ ରହିଛି ତ ଆଉ କେଉଁଠି ପାହାଡ଼ରୁ ଝରଣା ପ୍ରବାହିତ ହେଉଛି । କେଉଁଠି ପାହାଡ଼ ଅଛି, କେଉଁଠି ସମତଳ ଭୂମି ଅଛି - ଏ ସମସ୍ତ ମହାନ୍ ଦୃଶ୍ୟ ମହାପ୍ରଭୁଙ୍କର ଲୀଳା ଅଟେ । ଏହି ପ୍ରକାର ସମସ୍ତ ଜାଗତିକ ଦୃଶ୍ୟର ରଚନାକାର ସ୍ୱୟଂ ମହାପ୍ରଭୁ ଅଟନ୍ତି ।

**ଅରଣ୍ୟ ବୃକ୍ଷ ବହୁ ଭାଁତି କେ,**
**ବହୁତ ଭାଁତି ଛୱି ଛାୟ ।**
**ୱିୱିଧ ଫୂଲ ଫଲ ଶୋଭହୀ,**
**ଲତା ଗୁଲ୍ମ ଫୈଲାୟ ॥୧୭॥**

ଭାଷ୍ୟ - ବଣରେ ଅନେକ ପ୍ରକାରର ବୃକ୍ଷ ନାନା ପ୍ରକାରର ଶୋଭାରେ ଯୁକ୍ତ ହୋଇଛନ୍ତି ଓ ସେ ସମସ୍ତ ବଣ ବିବିଧ ପ୍ରକାରର ଫୁଲ, ଫଳ ଆଉ ଗୁଳ୍ମ ଲତାରେ ଭରି ରହିଛନ୍ତି । ଏ ସମସ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ସେହି ମହାପ୍ରଭୁଙ୍କର ଅଦ୍ଭୁତ ଶକ୍ତିର ପରିଚୟ ଦେଇଥାନ୍ତି ।

**ରୂପ ଗୁଣ ଗଣ ଭେଦ ହୈଁ,**
**ରଚନା ୱିୱିଧ ପ୍ରକାର ।**
**କହୀଁ କାଁଚ ହୀରା ବନେ, ଅମୃତ**
**ୱିଷ ସଂସାର ॥୧୮॥**

ଭାଷ୍ୟ - ଅନେକ ସ୍ୱରୂପ ଗୁଣ ସମୂହର ଭେଦରୁ ବିବିଧ ପ୍ରକାରର ରଚନା ସୃଷ୍ଟି ହୋଇଛି । ଏ ସଂସାରରେ କେଉଁଠି ହୀରା ତିଆରି ହୋଇଥାଏ ତ କେଉଁଠି ଅମୃତ ଆଉ କେଉଁଠି ବିଷ । ଏପରି ଅନେକ ଗୁଣଗୁଡ଼ିକରେ ଯୁକ୍ତହୋଇ ଏହି ବିଶାଳ ସୃଷ୍ଟିର ରଚନା ହୋଇଛି ।

**ସୃଷ୍ଟି ପଦାରଥ ସକଲ ୱେ,**
**କରେଁ ସଦା ଗୁଣଗାନ ।**
**ପର୍ଣ ପର୍ଣ ସେ ଅମି ଝରେ, କଣା**
**କଣା ସେ ଜ୍ଞାନ ॥୧୯॥**

ଭାଷ୍ୟ - ସୃଷ୍ଟିର ସମସ୍ତ ପଦାର୍ଥ ପ୍ରଭୁଙ୍କର ଗୁଣଗାନ କରିଥାନ୍ତି ଏବଂ ତାଙ୍କର କରୁଣାରୁ ପତ୍ରରେ ପତ୍ରରେ ଅମୃତ ଝରୁଅଛି । ଛୋଟ ଛୋଟ ରଜବିନ୍ଦୁରୁ ସେହି ପ୍ରଭୁ ସତ୍ତାର ଜ୍ଞାନ ହେଉଅଛି । ସୃଷ୍ଟିର ସମସ୍ତ ପଦାର୍ଥମାନଙ୍କ ଦ୍ୱାରା ଅବ୍ୟକ୍ତ ଚେତନ ଅସ୍ତିତ୍ୱର ବୋଧ ହେଉଅଛି ।

**ଜିୱ ଅନନ୍ତ ସଂସାର କେ, କୀରୀ**
**କୁଞ୍ଜର ଆୟ ।**
**ଭୋଜନ ନିତ ସବକୋ ମିଲୈ,**
**ପାଲନ ପୋଷଣ ପାୟ ॥୨୦॥**

ଭାଷ୍ୟ - ପ୍ରଭୁଙ୍କର ମହାନ୍ ସତ୍ତାରେ ସଂସାରର କୃମିରୁ ଆରମ୍ଭ କରି ହସ୍ତୀ ପର୍ଯ୍ୟନ୍ତ ଅନନ୍ତ ଜୀବମାନଙ୍କୁ ଭୋଜନ ପ୍ରାପ୍ତ ହେବା ସାଂଗକୁ ସମସ୍ତଙ୍କର ପାଳନ ପୋଷଣ ହେଉଛି ।

**ଅଦ୍‌ଭୁତ ଲୀଲା ପୁରୁଷ କୀ,**
**ମହିମା ସର୍ୱ ମହାନ୍ ।**
**ଦେୱ ସଦାଫଲ ଜ୍ଞାନମୟ, ଜନ**
**ଅଧୀନ ଗୁଣ ଗାନ ॥୨୧॥**

ଭାଷ୍ୟ - ସୃଷ୍ଟିର ଅଦ୍‌ଭୁତ ରଚନା ସେହି ପରମ ପୁରୁଷଙ୍କର ମହତି ମହିମା ଅଟେ । ସଦ୍‌ଗୁରୁ ଶରଣାଗତ ଅଧିକାରୀ ହଂସ ଜ୍ଞାନଯୁକ୍ତ ହୋଇ ପରମ ପ୍ରଭୁଙ୍କର ଗୁଣଗାନ କରିଥାନ୍ତି ।

**॥ ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ଚତୁର୍ଥ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

# ବାମ କଡ଼ମାଡି ଶୁଅନ୍ତୁ

ବିଶେଷଜ୍ଞଙ୍କ କହିବାନୁସାରେ ଆମର ଖାଦ୍ୟପେୟ ସହିତ ଆମ ବାତାବରଣ ଓ ମାନସିକତା ଆମ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ । ତା' ସହିତ ଶୋଇବା ସମୟରେ ଆମ ବଡ଼ି ପୋଶ୍ଚର ଆମ ଶରୀର ସହିତ ମସ୍ତିଷ୍କକୁ ଗଭୀରତାର ସହିତ ପ୍ରଭାବିତ କରିଥାଏ ।



ନିଦରେ ଆମେ ଅନେକଥର କଡ଼ ଲେଉଟାଇ ଥାଉ । ନିଦରେ ଥିବାବେଳେ ଆମେ କେଉଁ ଅବସ୍ଥାରେ ଶୋଇଛୁ ଜାଣି ନଥାଉ । ଯେଉଁ ଅବସ୍ଥାରେ ଆମକୁ ସହଜ ଅନୁଭବ ହୁଏ ସେହି ଅବସ୍ଥାରେ ଶୋଇଥାଉ ।

**ପେଟ ରୋଗ ଦୂରହୋଇଥାଏ:** ବାମ କଡ଼ ମାଡି ଶୋଇବା ଫଳରେ ପେଟରେ ରୋଗ ହେବା ପୂର୍ବରୁ ସମାପ୍ତ ହୋଇଯାଇଥାଏ । ଯେପରି ପେଟ ଫୁଲିବା, ପେଟରେ ଗ୍ୟାସ୍ ହେବା, ହଜମ ନ ହେବା ଇତ୍ୟାଦି । ଡାକ୍ତରଙ୍କ କହିବାନୁସାରେ ବାମ କଡ଼ମାଡି ଶୋଇଲେ ଯକୃତ ଉପରେ କୌଣସି ଚାପ ପଡି ନଥାଏ ଓ ଶରୀରରେ ଜମା ହେଉଥିବା ଟକ୍ସିନ୍ ଧୀରେ ଧୀରେ ଲସିକା ତନ୍ତ୍ର ଦ୍ୱାରା ବାହାରି ଯାଇଥାଏ ।

**ପାଚନ ତନ୍ତ୍ର ମଜଭୁତ ହୁଏ:** ବାମ କଡ଼ମାଡି ଶୋଇଲେ ପାଚନ ତନ୍ତ୍ରକୁ ଲାଭ ମିଳିଥାଏ, ପେଟ ଓ ପାନକ୍ରିଆଜରେ କମ୍ ପ୍ରେସର ପଡ଼ିଥାଏ । ପାନକ୍ରିଆଜରୁ ବାହାରୁଥିବା ଏନଜାଇମ୍ ଠିକ୍ ସମୟରେ ବାହାରିବା ଆରମ୍ଭ ହୁଏ । ଯାହାଫଳରେ ଆମେ ଖାଉଥିବା ଖାଦ୍ୟ ପାକସ୍ଥଳୀ ଦେଇ ସହଜରେ ତଳକୁ ଚାଲିଯାଏ ଓ ଭଲି ହଜମ ହୁଏ ।

**ପେଟ ସଫା ରହିଥାଏ:** ଯେତେବେଳେ ପାଚନ ତନ୍ତ୍ର ଠିକ୍ ରହିବ, ସେତେବେଳେ ପେଟ ମଧ ସଫା ରହିବ ।

**ହୃତପିଣ୍ଡ ରୋଗରୁ ମୁକ୍ତି:** ବାମ କଡ଼ମାଡି ଶୋଇଲେ ହାର୍ଟ ଉପରେ ବିଶେଷ ପ୍ରଭାବ ପଡି ନ ଥାଏ । ହାର୍ଟରେ ରକ୍ତସଞ୍ଚାଳନ ସଠିକ୍‌ଭାବେ ହୋଇଥାଏ ।

## ଟିକିଏ ହସନ୍ତୁ

ଆର୍ମି ଟ୍ରେନିଂ ଦେବାବେଳେ ଅଫିସର ମୋହନକୁ: ତମେ ହାତରେ କ'ଣ ଧରିଛ ?
ମୋହନ: ସାର୍, ବନ୍ଧୁକ ।
ଅଫିସର୍: ଇଏ ବନ୍ଧୁକ ନୁହେଁ । ତୁମର ଇଜ୍ଜତ, ଗର୍ବ ଓ ତୁମର ମା' ।
ଏହାପରେ ଅଫିସର ଗୋବିନ୍ଦକୁ: ତମ ହାତରେ ଇଏ କ'ଣ ?
ଗୋବିନ୍ଦ: ସାର୍ ଇଏ ହେଉଛି ମୋହନର ଇଜ୍ଜତ, ଗର୍ବ ଓ ଆମ ମାଉସୀ ।

× × × ×

ବାପା ପୁଅ ରାଜୁକୁ: ଆଜି ଝିଅଘର ଆସିବେ । ତତେ ଯଦି ପଚାରିବେ କେତେ ଦରମା ପାଉଛୁ ତୁ ବଢ଼େଇକି କହିବୁ ।
ରାଜୁ: ହଉ ।
ଝିଅଘର ଆସିବା ପରେ ଝିଅର ବାପା ରାଜୁକୁ: ପୁଅ ତମେ କେତେ ଦରମା ପାଉଛ ?
ରାଜୁ: ଏମିତିରେ ତ ମୋର ଦରମା ଦେଢ଼ କୋଟି । ହେଲେ କଟି କାଟି କି ପାଉଛି ୧୦,୦୦୦ ଟଙ୍କା ।

× × × ×



ମୋହନ ଅମିତକୁ: କହିଲୁ ଦେଖି ମା' ଓ ସ୍ତ୍ରୀ ଭିତରେ ତଫାତ୍ କ'ଣ ?
ଅମିତ: ମା' କଥା କହିବା ଶିଖାଏ । ଆଉ ସ୍ତ୍ରୀ ଚୁପ୍ ରହିବା ।

× × × ×

ସ୍ୱାମୀ ସ୍ତ୍ରୀକୁ: ମୋ ପାଇଁ ଗ୍ଲାସେ ପାଣି ଆଣିଲ ।
ସ୍ତ୍ରୀ: କ'ଣ ଶୋଷ ଲାଗୁଛି ?
ସ୍ୱାମୀ: ନା, ଚେକ୍ କରିବି ତଣ୍ଟିରେ କୋଉଠି ଲିକ୍ ହେଉଛି କି ନାଇଁ ।

× × × × ×

ଶିକ୍ଷକ: ପିଲେ କହିଲ ଦେଖି ହସ୍ପିଟାଲ କ'ଣ ?
ଗୋପୀ: ସାର୍ ମୁଁ କହିବି ।
ଶିକ୍ଷକ: କହ ।
ଗୋପୀ: ପୃଥିବୀରୁ ସ୍ୱର୍ଗକୁ ଯିବା ସମୟରେ ବାଟରେ ଯେଉଁ ଟୋଲଗେଟ୍ ପଡେ ସେଇଟା ହେଉଛି ହସ୍ପିଟାଲ ।

× × × ×

ଭିକାରୀ ଜଣଙ୍କ ଘର ସାମ୍ନାରେ: ମା' କିଛି ଖାଇବାକୁ ଦିଅନ୍ତୁ ।
ଘରୁ ଝିଅଟିଏ ବାହାରି: ଟମାଟର ଖାଓ ।
ଭିକାରୀ: ଟମାଟର କ'ଣ ଖାଇବି, ରୁଟି ଅଛି ଯଦି ଦିଅ ।
ଝିଅ: ଆରେ ଟମାଟର ଖାଓ ।
ଭିକାରୀ: ହଉ ଠିକ୍ ଅଛି । ଟମାଟର ଦିଅ ।
ଘର ଭିତରୁ ଝିଅର ମା': ତମେ ଯାଅ ବାବା । ମୋ ଝିଅ ଖନି । ସେ କହୁଛି 'କମାକର୍ ଖାଓ' ।

# ଶର୍କରା ନିୟନ୍ତ୍ରଣର ଘରୋଇ ଉପଚାର

ଦେହରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବି ଏବେ ବିପଦର ଘଣ୍ଟି ପରି ଅନୁଭୂତ ହେଲାଣି । ଏବେ ସମୟ ଆସିଛି ଏହି ଭୟଙ୍କର ରୋଗରୁ ନିଜକୁ ଦୂରେଇ ରଖିବାର । ଚିକିତ୍ସା ମାଧମରେ ମଧୁମେହ ସଂପୂର୍ଣ୍ଣ ଭଲ ହେବା କଷ୍ଟକର କିନ୍ତୁ ଡାକ୍ତରୀ ଓ କିଛି ଘରୋଇ ଚିକିତ୍ସାର ନିୟମିତ ସଠିକ୍ ଅବଲମ୍ବନ ଦ୍ୱାରା ରୋଗର ନିୟନ୍ତ୍ରଣ ନିଶ୍ଚିତ କରିପାରିବେ ।



**ଅଁଳା:** ଅଁଳାରେ ଭିଟାମିନ୍ ସି' ରହିଛି ଯାହା ପାଚନକ୍ରିୟାରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରି ଏହାକୁ ଅଧିକ କାର୍ଯ୍ୟକ୍ଷମ କରାଏ । କିଛି ଅଁଳାକୁ ଭଲ ଭାବେ ଗ୍ରାଇଣ୍ଡିଂ କରି ଦୁଇ ଚାମଚ ରସକୁ ଏକ ଗ୍ଲାସ ପାଣି ଗୋଳାଇ ଖାଲି ପେଟରେ ପିଇପାରିବେ ।

**ତୁଳସୀ ପତ୍ର:** ତୁଳସୀରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଯାହା ଖାଇବା ଦ୍ୱାରା ରକ୍ତରେ ଶର୍କରାର ମାତ୍ରାକୁ କମ୍ କରେ । ପ୍ରତିଦିନ ଖାଲି ପେଟରେ କିଛି ତୁଳସୀ ପତ୍ର ଚୋବାଇ ଖାଇବା ଦ୍ୱାରା ମଧୁମେହରେ ନିୟନ୍ତ୍ରଣ ରହେ ।

**ଡାଲଚିନି:** ପ୍ରାଚୀନ କାଳରୁ ଡାଲଚିନିର ପ୍ରୟୋଗ ଔଷଧ ଓ ରୋଷେଇର ମସଲା ପ୍ରସ୍ତୁତିରେ ହୋଇ ଆସୁଛି । ତେବେ ଡାଲଚିନିର ମଧୁମେହ ରୋଗୀଙ୍କ ପାଇଁ ମଧ ଖୁବ୍ ଲାଭପ୍ରଦ ହୁଏ । ଏହା ମଧ ରକ୍ତରେ ଶର୍କରାର ମାତ୍ରା ବଢ଼ିଲେ ତାହାକୁ କମ୍ କରାଏ । ପ୍ରତିଦିନର ଖାଦ୍ୟ ପ୍ରସ୍ତୁତିରେ କିଛି ଡାଲଚିନିର ବ୍ୟବହାର କରନ୍ତୁ ।

**ନିମ୍ବ ପତ୍ର:** ନିମ ପତ୍ରର ରସକୁ ଖାଲି ପେଟରେ ପିଇବା ଦ୍ୱାରା ଏହା ରକ୍ତରେ ଶର୍କରା ମାତ୍ରାର ନିୟନ୍ତ୍ରଣ ରଖେ ।

# ଆତ୍ମବିଜେତା କ୍ରୋଧ ଉପରେ ବିଜୟ ଲାଭ କରନ୍ତି

ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି – 'କାମାତ୍ କ୍ରୋଧେ଼ ଭିଜାୟତେ' ଅର୍ଥାତ୍ କାମନାରେ ବିକ୍ଷେପ ଉତ୍ପନ୍ନ ହେଲେ କ୍ରୋଧ ଜାତ ହୋଇଥାଏ । ମାନବୀୟ ଦୁର୍ବଳତାଗୁଡ଼ିକ ମଧରେ କ୍ରୋଧର ସ୍ଥାନ ସର୍ବୋପରି । କ୍ରୋଧ କାରଣରୁ ମନୁଷ୍ୟର ବ୍ୟକ୍ତିତ୍ୱ ଯେତେ ହ୍ରାସ ପାଇଥାଏ, ଅନ୍ୟ କୌଣସି କାରଣରୁ ସେତେ ହୋଇ ନ ଥାଏ । କ୍ରୋଧ ଆମ ଜୀବନରେ ଉତ୍ପନ୍ନ ହେଉଥିବା ଏପରି ଏକ ଆବେଗ, ଯାହାର ଠିକ୍ ସମୟରେ ନିରାକରଣ ନ ହେଲେ ତାହା ସ୍ୱଭାବର ଅଙ୍ଗ ହୋଇଯାଏ ଏବଂ ଅନେକ ଲୋକଙ୍କ ବ୍ୟକ୍ତିତ୍ୱ ସେହି ଆଧାରରେ ପରିଭାଷିତ ହୋଇଥାଏ ।

କେତେ ଲୋକଙ୍କର ମାନସିକ ଜଟିଳତା କାରଣରୁ ମଧ ଏପରି ହୋଇଥାଏ । ସେମାନେ ନିଜର ମାନସିକ ଜଟିଳତାରେ ଏତେ ଫସି ରହିଥାନ୍ତି ଯେ ସର୍ବଦା ବ୍ୟାକୁଳ ଓ ଚିନ୍ତିତ ରହନ୍ତି ଏବଂ ଇଚ୍ଛା-ଅନିଚ୍ଛା ସତ୍ତ୍ୱେ, ଯାହା ତା' ଉପରେ ତାଙ୍କର କ୍ରୋଧ ବାହାରି ଆସେ । ଏହିପରି ଭାବରେ ଦେଖିଲେ ସାଧାରଣତଃ କ୍ରୋଧର ତିନିଟି କାରଣ ପ୍ରମୁଖ ।

ପ୍ରଥମ– କାମନା ପୂର୍ତ୍ତିର ଉତ୍ପନ୍ନ ଅବରୋଧ । ଦ୍ୱିତୀୟ – ଅସଫଳତାରୁ ଉତ୍ପନ୍ନ ଖିନ୍ନତା । ତୃତୀୟ- ଅଭ୍ୟାସରେ ପଡ଼ିଯାଇଥିବା କ୍ରୋଧ, ଯାହା କି ବ୍ୟକ୍ତିତ୍ୱର ଅଙ୍ଗ ପାଲଟି ଯାଇଥାଏ ।

କାରଣ ଯାହା ବି ହେଉ, ଅନ୍ୟ ମନୋବିକାରଗୁଡ଼ିକ ସହିତ କ୍ରୋଧର ଗଭୀର ଓ ଘନିଷ୍ଠ ସମ୍ବନ୍ଧ ରହିଛି । ଅସ୍ଥିରତା, କୁଣ୍ଠା, ଅହଂକାର, କ୍ରୂରତା ଆଦି ତାହାର ସହଯୋଗୀ । ବ୍ୟକ୍ତିତ୍ୱ ଦୃଷ୍ଟିରୁ ଚିଡଚିଡା ସ୍ୱଭାବ ଦୁର୍ବଳ ବ୍ୟକ୍ତିମାନଙ୍କ ମଧରେ ଉତ୍ପନ୍ନ ହେଉଥିବା ଭାବାବେଶ ହିଁ ଅଟେ ।

କ୍ରୋଧ ଉପରେ ବିଜୟ ପ୍ରାପ୍ତ କରିଥିବା ବ୍ୟକ୍ତିକୁ ହିଁ ଆତ୍ମବିଜେତା କୁହାଯାଏ । ମହର୍ଷି ବୋଧାୟନଙ୍କ ଶିଷ୍ୟ ଗାର୍ଗ୍ୟ ଦିନେ ତାଙ୍କ ଶଯ୍ୟାରୁ ନ ଉଠିବାରୁ ଅନ୍ୟ ଶିଷ୍ୟମାନେ ଯାଇ ମହର୍ଷିଙ୍କ ଆଗରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କଲେ । କାରଣ ପଚାରିବାରୁ ଜଣାପଡ଼ିଲା ଯେ ରାତିରେ ଗୋଟିଏ ସର୍ପ ଆସି ତାଙ୍କ ଗୋଡ଼ ତଳେ ଶୋଇଥିଲା ଏବଂ ସେ କରୁଣାବଶତଃ ତାହାର ନିଦ୍ରା ଯେମିତି ଭଙ୍ଗ ନ ହୁଏ ସେଥିପାଇଁ ଗୋଡ଼କୁ ହଲଚଲ କଲେ ନାହିଁ ।

କିଛି ସମୟ ପରେ ସର୍ପ ଜାଗି ଉଠିଲା ଏବଂ ନିଜ ଗନ୍ତବ୍ୟ ଅଭିମୁଖେ ଚାଲିଗଲା, ତାପରେ ଗାର୍ଗ୍ୟ ମଧ ନିଜର ନିତ୍ୟକର୍ମରେ ସଂଲଗ୍ନ ହୋଇଗଲେ । ଅନେକ ଏହି ଘଟଣାକୁ ସାହସ ରୂପେ ଗ୍ରହଣ କଲେ, କିନ୍ତୁ ମହର୍ଷି ବୋଧାୟନ ଏହାକୁ ଆତ୍ମବିଜେତାର ପର୍ଯ୍ୟାୟ ମାନି କହିଲେ – 'ଆତ୍ମବିଜେତା ହିଁ ଭାବାବେଶ ଉପରେ ନିୟନ୍ତ୍ରଣ ରଖିପାରନ୍ତି ଏବଂ ଏପରି ବ୍ୟକ୍ତିତ୍ୱ କ୍ରୋଧ, ଭୟ, ଆବେଗ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖି ପାରନ୍ତି । ଆଗକୁ ସେ ପୁଣି କହିଲେ– 'ନିଜକୁ ପରିଷ୍କାର କରିବା ଦିଗରେ ଅଗ୍ରସର ସାଧକ ସକାଶେ ଆତ୍ମବିଜୟର ଏହି ଚରଣ ଅନିବାର୍ଯ୍ୟ ହୋଇଯାଏ ।

# ଜହ୍ନିର ଉପକାରିତା

ଅସରପା ଗୋଟେ ଚଢ଼େଇ, ଜହ୍ନି ଗୋଟେ ପରିବା । ଅନେକ ସମୟରେ ଜହ୍ନିକୁ ନେଇ ଏମିତି ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳେ । ତେବେ ବି 'ଜହ୍ନି ଫୁଲ ଠୋ ଠା, କାକୁଡି ଫୁଲ ଠୋ ଠା' ପରି ଶିଶୁଗୀତ ଜହ୍ନି ଯେ ଆମ ହାତପାଆନ୍ତାରେ ମିଳୁଥିବା ଏକ ପରିବା ଏହା ମନେ ପକାଇ ଦିଏ । ଘରବାଡିରେ କାକୁଡ଼ି, ଜହ୍ନି, କଲରା ମଞାଏ ମଞାଏ ଲଗାଇ ଦେବାର ଅଭ୍ୟାସ ଏବେ ବି ଗୃହିଣୀ ମାନଙ୍କର ରହିଛି । ହୁଏତ ଏହାର ଔଷଧୀୟ ଗୁଣ ସମ୍ପର୍କରେ ଅନେକ ଆଦୌ ସଚେତନ ନ ଥିବେ ମାତ୍ର ହାଣ୍ଡିଶାଳରେ ଏହାର ଆଦର କ'ଣ କମ୍ କି ? ଭାରତ, ପାକିସ୍ତାନ, ଇଣ୍ଡୋନେସିଆ, ଚାଇନା ଏବଂ ଫିଲିପାଇନ୍ସରେ ଏହା ପ୍ରଚୁର ମାତ୍ରାରେ ଚାଷ ହୋଇଥାଏ ।

ଆପଣ ନିଜର ଓଜନ କମାଇବାକୁ ଚାହୁଁଥିଲେ ଖାଦ୍ୟରେ ଜହ୍ନିକୁ ନିଶ୍ଚିତ ସାମିଲ୍ କରନ୍ତୁ । ଜହ୍ନି ଖାଇବା ଦ୍ୱାରା ଚର୍ବି ତଥା କୋଲେଷ୍ଟେରଲର ବିପଦ ଟଳିଯାଏ ।

ଜହ୍ନି ସହଜରେ ହଜମ ହୋଇଥାଏ । ତେଣୁ ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ ସେମାନଙ୍କୁ ଜହ୍ନି ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଜହ୍ନି ଖାଇବା ଦ୍ୱାରା ଯକୃତରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଯକୃତକୁ ସୁସ୍ଥ ରଖେ । ଅର୍ଶ ରୋଗର ଆରୋଗ୍ୟ ମଧ କରେ ।

ଏଥିରେ ତନ୍ତୁ ଏବଂ ଜଳର ମାତ୍ରା ଅଧିକ ଥିବାରୁ କୋଷ୍ଠକାଠିନ୍ୟ ତଥା ତଦ୍‌ଜନିତ ସମସ୍ୟା ଆଦିରୁ ମୁକ୍ତି ପାଇବା ପାଇଁ ଜହ୍ନି ଖାଇବା ଦରକାର । କେବଳ ସେତିକି ନୁହେଁ ଏହା ବିଭିନ୍ନ ଉଦର ରୋଗ ଏବଂ ସଂକ୍ରମଣକୁ ମଧ ଦୂର କରିଥାଏ ।

କିଙ୍କ୍, ଆଇରନ୍, ରିବୋଫ୍ଲାବିନ୍, ମ୍ୟାଗ୍ନେସିୟମ୍, ଥିୟାମିନ୍ ପରି ଶରୀର ପାଇଁ ଆବଶ୍ୟକ ତତ୍ତ୍ୱ ଏଥିରୁ ମିଳିଥାଏ । ଏଥିରେ ଥିବା ବିଟା କ୍ୟାରୋଟିନ୍ ଆଖି ପାଇଁ ବେଶ୍ ଉପକାରୀ । ଏହା ଦୃଷ୍ଟିଶକ୍ତି ବଢ଼ାଇବା ସହ ଆଖିକୁ ସୁସ୍ଥ ରଖେ ।

ଜହ୍ନି ରକ୍ତଶୋଧକ ଭାବେ କାର୍ଯ୍ୟ କରେ । ରକ୍ତ ଅପରିଷ୍କାର କାରଣରୁ ମୁହଁରେ ଦେଖାଯାଉଥିବା ବ୍ରଣ ଆଦି ଦୂର କରେ ।



ଜହ୍ନିର ଜୁସ୍ ପିଇବା ଦ୍ୱାରା ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇ ଥାଏ । ଏହାଦ୍ୱାରା ବିଭିନ୍ନ ରୋଗଠାରୁ ନିଜକୁ ଦୂରେଇ ରଖିଯାଇ ପାରେ । ଏସିଡିଟି ଏବଂ ଅଲସର ପରି ସମସ୍ୟାଠାରୁ ମଧ ଏହା ଦୁରେଇ ରଖେ ।

କାମଳ ରୋଗୀମାନେ ଏହାର ଜୁସ୍ ପିଇବା ଦ୍ୱାରା ଏବଂ ଜହ୍ନି ଖାଇବା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି । ମଦ୍ୟପାନ କାରଣରୁ ଯକୃତରେ ସମସ୍ୟା ଦେଖା ଦେଇଥିଲେ ଜହ୍ନି ଖାଇବାଦ୍ୱାରା ଯକୃତ ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରି ଆସେ ।

ଜହ୍ନି ଖାଇବା ଦ୍ୱାରା ମୂତ୍ର ଏବଂ ରକ୍ତରୁ ଶର୍କରାର ସ୍ତର ହ୍ରାସ ଘଟିଥାଏ । ରକ୍ତରେ ଇନ୍‌ସୁଲିନ୍ ସ୍ତରକୁ ମଧ ନିୟନ୍ତ୍ରିତ ରଖିଥାଏ । ତେଣୁ ମଧୁମେହ ରୋଗୀମାନେ ଜହ୍ନି ଖାଇବା ଦରକାର ।

ଏହା ଥଣ୍ଡା ରୋଗକୁ ଦୂର କରେ । ପରିଶ୍ରାପୋଡ଼ା ଯନ୍ତ୍ରଣାର ଏହା ଉପଶମ କରେ । ମୃତ ଚର୍ମକୋଷକୁ ହଟାଇ ଚର୍ମରେ ଚମକ ଆଣେ । କେଶ ଝଡ଼ିବା ଏବଂ ଦାନ୍ତକୁ ସୁସ୍ଥ ରଖିବାରେ ଜହ୍ନି ସାହାଯ୍ୟ କରେ । ଟାଇପ୍-୨ ମଧୁମେହ ରୋଗୀ ଏହି ପରିବାଟି ନିହାତି ଖାଇବା ଦରକାର ।

## ଆପଣ ଜାଣନ୍ତି କି ?

- ସମୁଦ୍ରର ଗଭୀରତା ମାପିବା ପାଇଁ ପାଥୋମିଟର ନାମକ ଯନ୍ତ୍ର ବ୍ୟବହାର କରାଯାଏ ।
- ଭାରତର ପ୍ରଥମ ମୁସଲମାନ ରାଷ୍ଟ୍ରପତି ଥିଲେ ଡକ୍ଟର ଜାକିର ହୁସେନ୍ ।
- ଜଳକୁ ବିଶୁଦ୍ଧ କରିବା ପାଇଁ ଫିଟିକିରିର ବ୍ୟବହାର କରାଯାଏ ।
- ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ହେଉଛନ୍ତି ସଚିକାନ୍ତ ଦାସ ।
- କାରାକାସ୍ ହେଉଛି ଭେନେଜୁଏଲା ଦେଶର ରାଜଧାନୀ ।
- ଭେନେଜୁଏଲା ମୁଦ୍ରାର ନାମ ହେଉଛି ଭେନେଜୁଏଲାନ୍ ବୋଲିଭାର ।
- ଭାଟ୍ ପ୍ରଥମ କରି ଫ୍ରାନ୍ସରେ ଲାଗୁ କରାଯାଇଥିଲା ।
- ବ୍ଲଡ ପ୍ରେସର ବା ରକ୍ତଚାପ ମାପିବା ପାଇଁ ସ୍ଫାଇଗୋମୋମାନୋମିଟରର ବ୍ୟବହାର କରାଯାଏ ।
- ସାରା ଭାରତରେ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ସଂଖ୍ୟା ୯ ।
- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ ସଂଖ୍ୟାକମାନବ ସମ୍ବଳ ହରାଇଥିବା ଦେଶ ହେଉଛି ଜାପାନ ।
- ଲଣ୍ଡନରେ ଥିବା ବ୍ରିଟିଶ୍ ମ୍ୟୁଜିୟମ୍ ହେଉଛି ପୃଥିବୀର ସବୁଠାରୁ ବଡ଼ ମ୍ୟୁଜିୟମ୍ ।
- ଭାରତରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଏଟିଏମ୍ ରହିଛି ।
- ଗୋଟିଏ ଏଟିଏମରୁ ୩ଟି କ୍ୟାସେଟ୍ (ଟଙ୍କା ଥାଳି) ଥାଏ । ଏଥିରେ ୧୦୦, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଭରାଯାଏ ।
- ପ୍ରତିଟି ଥଳି ୨୨ ବିଡ଼ା ନୋଟ ଧରି ରଖେ ।

## ସ୍ୱାସ୍ଥ୍ୟ କବଚ ଗୋଲମରିଚ



ଗୋଲମରିଚ ଏକ ସ୍ୱାସ୍ଥ୍ୟ କବଚ ଭଳି କାମ କରେ ବୋଲି ଏକ ରିସର୍ଚ୍ଚରେ କୁହାଯାଇଛି । ଏଥିରେ ଭିଟାମିନ୍ ଏ, ଭିଟାମିନ ସି, ଫ୍ଲେଭୋନାଇଡସ୍, କ୍ୟାରୋଟିନସ ଓ ଅନ୍ୟ ଆଣ୍ଟି ଅକ୍ସିଡେଣ୍ଟ ରହିଥାଏ । କୌଣସି ଘା'ରେ ପୂଜ ହେଉଥିଲେ ସେହି ସ୍ଥାନରେ ଗୋଲମରିଚ ଗୁଣ୍ଡରେ ସାମାନ୍ୟ ଲୁଣ ମିଶାଇ ଘଷିଲେ ପୂଜ ଶୁଖିଯାଇଥାଏ । ମାଂସପେଶୀ ଯନ୍ତ୍ରଣା ହେଉଥିଲେ ରାଶି ତେଲରେ ଭଜା ଗୋଲମରିଚ ଗୁଣ୍ଡ ମିଶାଇ ଯନ୍ତ୍ରଣା ହେଉଥିବା ସ୍ଥାନରେ ମାଲିସ କଲେ ଏଥିରୁ ଆରାମ ମିଳିଥାଏ । ଗୋଲମରିଚ ସ୍ତନ କର୍କଟ ଓ ଚର୍ମ କର୍କଟ ରୋଗରୁ ମଧ ରକ୍ଷା କରିଥାଏ । ଏକ କପ ପାଣିରେ ୨ ଚାମଚ ଲେମ୍ବୁ ରସ ଓ ଏକ ଚତୁର୍ଥାଂଶ ଗୋଲମରିଚ ଗୁଣ୍ଡ ମିଶାଇ ଦୈନିକ ପିଇଲେ ଓଜନ ହ୍ରାସ ହୋଇଥାଏ ।

# କଖାରୁ ଶାଗର ଉପକାରୀ ଗୁଣ

ବାଡିବଗିଚାରେ ଏଠିସେଠି ଉଠିଥିବା କଖାରୁ ଗଛର ପତ୍ର ଏତେ ପୁଷ୍ଟିକର ଯେ, ବିଶ୍ୱାସ କରିହୁଏନା । ଏଥିରେ କୋଲେଷ୍ଟେରଲ ସ୍ତର ଖୁବ୍ କମ୍ । କ୍ୟାଲସିୟମ୍ ସହିତ ପ୍ରୋଟିନ୍, ଭିଟାମିନ୍ ଏ, ସି, ଥାୟମିନ୍, ରାଇବୋଫ୍ଲେବିନ୍, ନିଆସିନ୍, ଲୌହ, ମାଗ୍ନେସିୟମ୍, ଫସଫରସ୍, ପଟାସିୟମ୍, କପର ଏବଂ ମାଙ୍ଗାନିଜ ଆଦିରେ ଭରପୁର କଖାରୁ ପତ୍ର । ୧ କପ୍ ବା ୩୯ ଗ୍ରାମ କଖାରୁ ପତ୍ରରୁ ୭ କ୍ୟାଲୋରୀ ମିଳିଥାଏ । କଖାରୁ ପତ୍ରରେ ହାଇପୋଲିପଡେମିକ୍ ପ୍ରଭାବ ଥିବାରୁ ଏହା ହାଇପର କୋଲେଷ୍ଟୋଲେମିଆ ବା ଉଚ୍ଚ କୋଲେଷ୍ଟେରଲ କମାଇବାରେ ସହାୟକ । ଏହା ମଧ ଟେଷ୍ଟିକୁଲାର କ୍ଷତ ପୂରଣ କରି ସ୍ପର୍ମାଟୋଜେନେସିସ୍ ଦ୍ୱାରା ପ୍ରଜନନ କ୍ଷମତା ବଢ଼ାଇଥାଏ ।



ପ୍ରଚୁର ଲୌହସାର ଥିବାରୁ ଆନେମିଆର ଉପଶମରେ ଲାଭଦାୟକ ।

ମା' ମାନଙ୍କର କ୍ଷୀର ବୃଦ୍ଧିରେ ସହାୟକ ହୋଇଥାଏ ।

ସୁଗାର ହ୍ରାସକାରୀ ପ୍ରଭାବ ଥିବାରୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ ଖୁବ୍ ଭଲ । ଏଥି ସହିତ ଲିଭର ବା ଯକୃତକୁ ସୁରକ୍ଷା ଦିଏ ।

କଖାରୁ ପତ୍ରର ଆଣ୍ଟିବ୍ୟାକ୍ଟେରିଆଲ ପ୍ରଭାବ ରହିଛି । ଶରୀରରେ ରକ୍ତ ପରିମାଣ ତଥା ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ।

# ଛଚିନ୍ଦ୍ରା ବହୁ ଲାଭକାରୀ

ଉଦ୍ଭିଦ ବିଜ୍ଞାନରେ ଛଚିନ୍ଦ୍ରାର ନାମ ହେଉଛି ଟ୍ରାଇକୋସାନ୍ଥେସ୍ କ୍ୟୁକୁମେରିନ୍ ଭାବେ ବି ପରିଚିତ । ଦେଖିବାକୁ ସାପ ପରି । ଲମ୍ବା ପ୍ରାୟ ୧୫୦ ସେଣ୍ଟିମିଟର ଏବଂ ଗୋଲେଇ ୮ ସେଣ୍ଟିମିଟର ଯାଏ ହୋଇଥାଏ । ଗାଁ ଗହଳି ସହ ସହରର ବାଡିବଗିଚାରେ ବି ବେଶ୍ ଦେଖାଯାଏ ଛଚିନ୍ଦ୍ରା । ବଜାରରେ ଖୁବ୍ କମ୍ ଦାମରେ ମିଳିଥାଏ । ଏହା ଏକ ସାଧାରଣ ପରିବା ହୋଇଥିଲେ ବି ଖୁବ୍ ସ୍ୱାସ୍ଥ୍ୟ ଉପଯୋଗୀ । ତନ୍ତୁ ସହିତ ପ୍ରୋଟିନ୍ ଭରପୁର ରହିଛି ଏଥିରେ । ଏହା ମଧ କମ୍ କ୍ୟାଲୋରୀଯୁକ୍ତ ।



ଛଚିନ୍ଦ୍ରା ରସ ପେଟରୁ ବିଷାକ୍ତ ପଦାର୍ଥ (ଟକ୍ସିନ୍) ବାହାର କରିବାରେ ସହାୟକ ।

ଯେଉଁ ପିଲାମାନଙ୍କର ଅନ୍ତ୍ରନଳୀ ସମସ୍ୟା ରହିଥାଏ ତାହା କମ୍ କରିବା ଲାଗି ସେମାନଙ୍କୁ ଛଚିନ୍ଦ୍ରା ଖାଇବାକୁ ଦିଆଯାଏ ।

ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଛଚିନ୍ଦ୍ରା କାଢ଼ା ଦିଆଗଲେ ଉପଶମ ମିଳେ ।

ସାଇନସ୍ ତଥା ଶ୍ୱାସ ସମସ୍ୟା ଥିବା ବ୍ୟକ୍ତି ଛଚିନ୍ଦ୍ରା ଖାଇବା ଜରୁରୀ । କାରଣ, ଏହା କଫ କାଢ଼ିବାରେ ସହାୟକ ।

ଯଦି କେଶ ଝଡ଼ିଯାଉଛି ଏବଂ ଚନ୍ଦାପଣ ଯୋଗୁ ବିବ୍ରତ ତେବେ ଛଚିନ୍ଦ୍ରା ଖାଆନ୍ତୁ । ଏହା କେଶକୁ ସୁରକ୍ଷା ଦେଇଥାଏ । ରୁପି ସମସ୍ୟାରୁ ବି ମୁକ୍ତି ଦିଏ ।

ପ୍ରାୟତଃ ହୃତ୍‌ସ୍ପନ୍ଦନ ଲାଗି ଛଚିନ୍ଦ୍ରା ଖାଇବା ଜରୁରୀ ।

ଏଥିରେ ଥିବା ଖଣିଜ ଲବଣ ଶାରୀରିକ କାର୍ଯ୍ୟରେ ସୁଧାର ଆଣିଥାଏ ଏବଂ ଦାନ୍ତକୁ ମଜବୁତ କରେ ।

କମ୍ କ୍ୟାଲୋରୀଯୁକ୍ତ ହୋଇଥିବାରୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ପରିବା ।

# କହିପାରିବେ କି ?

(୧) ଫିଲିପାଇନ୍ସର ସର୍ବବୃହତ ଦ୍ୱୀପର ନାମ ?
(୨) ତୁର୍କୀ ମୁଦ୍ରାର ନାମ କ'ଣ ?
(୩) ଭେନିସ୍ ନାମ ଆଧାରରେ କେଉଁ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ନାମିତ ହୋଇଛି ?
(୪) ୱାଶିଂଟନ୍ ଡିସି ପାର୍ଶ୍ୱରେ କେଉଁ ନଦୀ ପ୍ରବାହିତ ?
(୫) କେଉଁ ୟୁରୋପୀୟ ନଗରୀର ପୁରାତନ ନାମ 'ଲ୍ୟୁଟେଟିଆ' ?
(୬) ଜାପାନର ଜାତୀୟ ଧର୍ମ କ'ଣ ?
(୭) ୟୁରୋପର 'କକ୍‌ପିଟ୍' ରୂପେ କେଉଁ ଦେଶ ପରିଚିତ ?
(୮) ପୂର୍ବରୁ କେଉଁ ଦେଶ 'ସିଆମ୍' ରୂପେ ପରିଚିତ ଥିଲା ?
(୯) ସର୍ବାଧିକ ମୁସଲମାନ ବାସ କରୁଥିବା ଦେଶର ନାଁ କ'ଣ ?
(୧୦) ଭାରତରେ ସର୍ବାଧିକ ରୂପା ଉତ୍ପାଦନ କରୁଥିବା ରାଜ୍ୟର ନାମ କ'ଣ ?

## JUMBLE WORDS

| | | | |
|---|---|---|---|
| 1) SJUDTA | = | 6) BIRLEG | = |
| 2) CONUEP | = | 7) VLEAG | = |
| 3) PASYO | = | 8) EKRCE | = |
| 4) SYESM | = | 9) TRYIGT | = |
| 5) VIWLES | = | 10) LAAAEZ | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଶ୍ରୀକୃଷ୍ଣ ଅର୍ଜୁନଙ୍କୁ, ୨.ରବିବାର ଏକାଦଶୀ ତିଥିରେ, ୩.କୁରୁକ୍ଷେତ୍ରର ଯୁଦ୍ଧକ୍ଷେତ୍ରରେ, ୪.କର୍ତ୍ତବ୍ୟରୁ ଓହରି ଯାଇଥିବା ଅର୍ଜୁନଙ୍କୁ କର୍ତ୍ତବ୍ୟ ଶିକ୍ଷାଇବା ପାଇଁ ଓ ଭବିଷ୍ୟତରେ ମାନବ ସମାଜକୁ ଧର୍ମ ବିଷୟରେ ଜ୍ଞାନ ଶିଖାଇବା ପାଇଁ, ୫.୧୮ ଅଧ୍ୟାୟ, ୬.୭୦୦, ୭.ଜ୍ଞାନ, ଭକ୍ତି ଓ କର୍ମଯୋଗ, ୮.ଧୃତରାଷ୍ଟ୍ର ଓ ସଞ୍ଜୟ, ୯.ସୂର୍ଯ୍ୟ ଦେବତାଙ୍କୁ, ୧୦. ଉପନିଷଦ ।

***Jumble Words* ର ଉତ୍ତର :-**

(1) FOGGY (2) PERMIT (3) TWIRTY (4) DUNCE (5) DRESS
(6) FLAVOR (7) THEORY (8) THUMP (9) ELUDE (10) SKING

## ମୁରାରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟଧାତୁ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା

ସମ୍ବଲପୁର: ମାନେଶ୍ୱର ବ୍ଲକ ମୁରାଠାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟଧାତୁ ମୂର୍ତ୍ତି ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମରେ ନାମଯଜ୍ଞ ଓ ପ୍ରବଚନ ଆୟୋଜିତ ହୋଇଥିଲା । ବୃନ୍ଦାବନ ନିବାସୀ ଦାମକିଙ୍କରଜୀ ମହାରାଜ ପ୍ରବଚନ ଦେଇଥିଲେ । ଉତ୍ସବରେ ଗ୍ରାମର ସଞ୍ଜୟ ପଣ୍ଡା ଓ ରିଙ୍କି ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ଶହେତମ ନାମଯଜ୍ଞ ଉତ୍ସବରେ ଗ୍ରାମର ରାଜାରାମ ପ୍ରଧାନ ଓ କୌଶଲ୍ୟା ପଧାନ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ନାମଯଜ୍ଞରେ ୪୩ ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ମୁରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୬ ଦିନ ଧରି ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଟଙ୍କଧର ତ୍ରିପାଠୀ, ଦିଲିପ ଦୁରିଆ ସାମିଲ ହୋଇଥିଲେ ।

ସୁଚନାଯୋଗ୍ୟ ଯେ, ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ମହାନଦୀ କୁଳରେ ମୁରା ଗାଁ ଥିଲା । ହୀରାକୁଦ ନଦୀବନ୍ଧ ପ୍ରତିଷ୍ଠା ପରେ ୧୯୫୬ ମସିହାରେ ମୁରା ଗ୍ରାମବାସୀ ବିସ୍ଥାପିତ ହୋଇ ମାନେଶ୍ୱର ବ୍ଲକ ଅଞ୍ଚଳରେ ଥଇଥାନ ହୋଇଥିଲେ । ବିସ୍ଥାପନ ଓ ଥଇଥାନ ମଧରେ ଗ୍ରାମବାସୀ ୧୦୦ ବର୍ଷ ଧରି ନାମଯଜ୍ଞ କରି ଆସୁଛନ୍ତି ।

## ନୃସିଂହ ଗୁରୁ ପଶ୍ଚିମ ଓଡ଼ିଶାର.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)







ସମ୍ମାନିତ ଅତିଥି ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ସ୍ୱର୍ଗତ ଗୁରୁଙ୍କୁ ଜଣେ ଅନନ୍ୟ ସ୍ୱାଧୀନତା ସଂଗ୍ରାମୀ ରୂପେ ଅଭିହିତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଃସ୍ୱାର୍ଥ ଭାବେ ସମାଜ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସବରେ ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର କାମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିନିକା କଲେଜର ସଂସ୍କୃତ ଅଧାପକ ହରିଶ୍ଚନ୍ଦ୍ର ହୋତା ବେଦପାଠ କରିଥିଲେ । ପୂର୍ବାହ୍ନରେ ଦଳମତ ନିର୍ବିଶେଷରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ସ୍ୱର୍ଗତ ଗୁରୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାରତୀୟ ଜନତା ପାର୍ଟିର ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲ, ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର, ପ୍ରଫୁଲ୍ଲ ହୋତା, ବଂଶୀଧର କର, ଚାଷୀ ନେତା ଶଶୀଭୂଷଣ ତ୍ରିପାଠୀ, ରତ୍ନ ଭୂଷଣ ପୃଷେଠ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମେଶ୍ୱର ପାଢ଼ୀ, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର, ସଚ୍ଚିଦାନନ୍ଦ ପ୍ରଧାନ, ରବିନାରାୟଣ ମିଶ୍ର, ଜନ୍ମେଜୟ ବେହେରା, ପଣ୍ଡିତ ଶରତ ରଥ, ଭକ୍ତ ପ୍ରସାଦ ପଣ୍ଡା, ଅଶୋକ ପଟେଲ, ଦେବାଶିଷ ପ୍ରଧାନ, ଦିଲୀପ ପୃଷ୍ଟି, ସୁବୋଧ ରାଉତ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଗୌର ମଠରେ ଶ୍ରୀକୃଷ୍ଣ ଚୈତନ୍ୟ ଜନ୍ମ ମହୋତ୍ସବ

ସମ୍ବଲପୁର : ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ଗୌରମଠ ଠାରେ ଫାଲ୍‌ଗୁନ ପୂର୍ଣ୍ଣିମା ଏବଂ ଶ୍ରୀକୃଷ୍ଣଚୈତନ୍ୟ ଜନ୍ମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅଷ୍ଟ ପ୍ରହରୀ ନାମ ସଂକୀର୍ତ୍ତନ ସାଙ୍ଗକୁ ଗୌରକଥା ଅନୁଷ୍ଠିତ ହୋଇଥିଲା । ବୃନ୍ଦାବନ ନିବାସୀ ଦାମକିଙ୍କରଜୀ ମହାରାଜ ପ୍ରତ୍ୟହ ସନ୍ଧ୍ୟାରେ ଗୌରକଥା ଉପରେ ପ୍ରବଚନ ଦେଇଥିଲେ ।

## କବିତା ସଂକଳନ 'ଜୀବନ ଚିତ୍ର' ଉନ୍ମୋଚିତ

ସମ୍ବଲପୁର: ବରଗଡ଼ ମହିଳା କଲେଜର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ସୁଦର୍ଶନ ପୂଜାରୀଙ୍କ ରଚିତ କବିତା ସଂକଳନ 'ଜୀବନ ଚିତ୍ର' ଉନ୍ମୋଚିତ ହୋଇଛି । ଉନ୍ମୋଚନ ଉତ୍ସବରେ ଶିକ୍ଷାବିତ୍ ବିପିନ୍ ବିହାରୀ ନନ୍ଦ, ଡକ୍ଟର ପଞ୍ଚାନନ ପୂଜାରୀ, ବରଗଡ଼ ମହିଳା କଲେଜର ପୂର୍ବତନ ଅଧକ୍ଷ ଡକ୍ଟର ପ୍ରଦୀପ ହୋତା, ଅଧାପିକା ଡକ୍ଟର ସଂଘମିତ୍ରା ମିଶ୍ର, ଅଧାପିକା ଡକ୍ଟର ମୌସୁମୀ ଲିଜା ନାୟକ, ଶାନ୍ତାମୟୀ ପୂଜାରୀ, ଅତାବିରା କଲେଜର ସହକାରୀ ପ୍ରଫେସର ଡକ୍ଟର ବିଶ୍ୱରଞ୍ଜନ ପୂଜାରୀ, ଆଇନଜୀବୀ ରବି ରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ । କବିତା ସଂକଳନରେ ଡକ୍ଟର ପୂଜାରୀଙ୍କ ଛାତ୍ର ଜୀବନରୁ ଦୀର୍ଘ ଦିନର ଜୀବନର ଅଭିଜ୍ଞତା, ଅନୁଭବ, ଅନ୍ୱେଷଣକୁ ନେଇ ୧୦୦ଟି କବିତା ସନ୍ନିବେଶିତ ହୋଇଛି ।

## ଝାରସୁଗୁଡ଼ାରେ ଡିଏଭିର ୨୬ ତମ ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲ ପ୍ରତିଷ୍ଠାର ୨୬ ବର୍ଷ ପୂର୍ତ୍ତି ଅବସରରେ ପ୍ରତିଷ୍ଠା ଦିବସ ତଥା ପୁରସ୍କାର ବିତରଣୀ ଉତ୍ସବ ପାଳିତ ହୋଇଛି । ଏ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି, ଝାରସୁଗୁଡ଼ା ବେଦାନ୍ତ ସିଓଓ ଆଲୁମିନିୟମ ବିଜିନେସ ଆଣ୍ଡ ସିଇଓ ସୁନୀଲ ଗୁପ୍ତା, ଓଡ଼ିଶା ଜୋନ୍ ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ଅଫିସର ଲୋକନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଝାରସୁଗୁଡ଼ା ଡିଏଭି ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ବୁର୍ଲା ଡିଏଭି ଅଧକ୍ଷା ରଶ୍ମି ମିଶ୍ର, ସମଲେଶ୍ୱରୀ ଡିଏଭି ଅଧକ୍ଷ ଚିନ୍ମୟ ମହାପାତ୍ର, ଛତେନପାଲି ଡିଏଭି ଅଧକ୍ଷ ରଞ୍ଜନ ପଟେଲ, ବସୁନ୍ଧରା ଡିଏଭି ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ, ଇବ ଥର୍ମାଲ ଡିଏଭି ଅଧକ୍ଷ ପ୍ରଦୀପ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱଶାନ୍ତି ଓ ମୈତ୍ରୀ ପାଇଁ ବିଦ୍ୟାଳୟ ପରିସରରେ ପଞ୍ଚକୁଣ୍ଡୀୟ ବିଶାଳ ହୋମଯଜ୍ଞର ଆୟୋଜନ କରାଯାଇଥିଲା । ପଞ୍ଚକୁଣ୍ଡୀୟ ହୋମଯଜ୍ଞରେ




ଝାରସୁଗୁଡ଼ା ଡିଏଭି ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳି ପଣ୍ଡା, ସଦସ୍ୟ ତଥା ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ରେଖା ରାୟ ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ ତଥା ସମିତି ସଦସ୍ୟସଦସ୍ୟା ମିଳିତ ଭାବେ ଯଜ୍ଞକ୍ରିୟା ସମ୍ପାଦନ କରିଥିଲେ । ସମିତି ସଦସ୍ୟ ତଥା ଶିକ୍ଷାବିତ ଗୌରୀଶଙ୍କର ତିୱାରୀ, ପ୍ରତିଷ୍ଠା ସଭ୍ୟ ଅର୍ଜୁନ ଲାଲ ଅଗ୍ରୱାଲ, ବାଳ ଗୋବିନ୍ଦ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ ଟହଲୁ ସାହୁ, ଅଧାପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ, ଡକ୍ଟର ଦେବ ରଞ୍ଜନ ପାତ୍ର ଓ ସହଧର୍ମିଣୀ, ବିବେକାନନ୍ଦ ମିଶ୍ର, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଲଳିତ ମୋହନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର ଶ୍ରୀ ମିଶ୍ର ବିଦ୍ୟାଳୟର ବାର୍ଷିକ ମୁଖପତ୍ର ତଥା ଡିଏଭି ସେମିନାରୀ' ଓ ଶିଶୁ ସାହିତ୍ୟ 'କିଶୋର କଲମ' ଉନ୍ମୋଚନ କରିଥିଲେ । ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଏମଭିଏଲଏନ୍ ରାଓ, ଡକ୍ଟର ମଞ୍ଜୁଶ୍ରୀ ବେଦୁଲା, ଅଞ୍ଜଳି ବାଲ ସୁବ୍ରମନ୍ୟମ, ନୀଳିମା ପଟେଲ ଓ ଅକ୍ଷୟ କୁମାର ପାଣି ସଭା କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଅଲେଖ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୂତକୋଠି ପାଲଟିଛି ଅତ୍ୟାଧୁନିକ ମାଛ ବଜାର

ସମ୍ବଲପୁର: ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷ ସୁସ୍ଥ ପରିବେଶରେ ସହରବାସୀଙ୍କୁ ମାଛ ଯୋଗାଇବା ଲକ୍ଷ୍ୟରେ ଦାନୀପାଲି ଦୈନିକ ବଜାର (ପ୍ରଫେସର କଲୋନୀ ପରିସର)ଠାରେ ନିର୍ମାଣ କରିଥିବା ଅତ୍ୟାଧୁନିକ ହାଇଜିନିକ ମାଛ ବଜାର ପ୍ରାୟ ୬ବର୍ଷ ବିତିଯିବା ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇନାହିଁ । ଫଳରେ ଏହି ବଜାର ଏବେ ଭୂତକୋଠି ପାଲଟିଛି । ସୂଚନାଯୋଗ୍ୟ, ଓଡିଶା ସହରାଞ୍ଚଳ ଅନ୍ତନିର୍ମାଣ ଓଣ୍ଟଆଇଡିଏଫ) ବିକାଶ ପାଣ୍ଠି ଓ ହାଇଦ୍ରାବାଦ ନ୍ୟାଶନାଲ ଫିସରିଜ ଡେଭଲପମେଣ୍ଟ ବୋର୍ଡ ସହାୟତାରେ ୮୫ ଲକ୍ଷ ୯୭ ହଜାର ୮୭୮ ଟଙ୍କା ବ୍ୟୟ ଅଟକଳରେ ୨୦୧୫-୧୬ ଆର୍ଥିକ ବର୍ଷରେ ବଜାର ନିର୍ମାଣ ଆରମ୍ଭ ହୋଇ ନିର୍ଦ୍ଧାରିତ ଅବଧି ମଧରେ ଶେଷ ହୋଇଛି । ବଜାରରେ ଆଧୁନିକ ଢାଞ୍ଚାରେ ୨୦ଟି ଦୋକାନ ଗୃହ ରହିଛି । ହେଲେ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସଞ୍ଜ ନଇଁଲେ ବଜାର ସମ୍ମୁଖ ଅସମାଜିକ ତତ୍ତ୍ୱଙ୍କ ପେଣ୍ଠସ୍ଥଳୀରେ ପରିଣତ ହେଉଛି । ବଜାର ଶୁଭାରମ୍ଭ ହୋଇ ନ ଥିବାରୁ ଲୋକେ ଦାନୀପାଲି ଦୈନିକ ବଜାର, ସହଯୋଗନଗର – ଏସ୍‌ଅରଆଇଟି ଛକ ରାସ୍ତା, କାଇଁଶିର ରାସ୍ତା, ଚର୍ଚ୍ଚ ଛକ, ବରେଇପାଲି, ଅଇଁଠାପାଲି ତଳିଛକ, ଭାଲୁପାଲି ଛକ, ଚାରଭାଟି ଛକ, ପୁରୁଣା ବେସରକାରୀ ବସ୍‌ଷ୍ଟାଣ୍ଡ, ଗୋବିନ୍ଦତୋଲା, ଫାର୍ମରୋଡ, ଚେରୁଆପଡା ଛକ ସମେତ ସହରର ବିଭିନ୍ନ ରାସ୍ତା କଡରୁ ମାଛ କିଣିବାକୁ ବାଧ ହେଉଛନ୍ତି । ଏଥିଯୋଗୁଁ ଉପରୋକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏହାକୁ ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ସୂଚନାଯୋଗ୍ୟ, ୨୦୧୫ ଅକ୍ଟୋବର ୨୧ର ତତ୍କାଳୀନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ସମ୍ବଲପୁର ଉନ୍ନୟନ ପ୍ରାଧାକରଣ ଅଧକ୍ଷ ବିଜୟ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଦାନୀପାଲି ଅତ୍ୟାଧୁନିକ ହାଇଜିନିକ ମାଛ ବଜାର ଶିଳାନ୍ୟାସ କରିଥିଲେ । ୧୧ ମାସରେ ନିର୍ମାଣ କାର୍ଯ୍ୟ ଶେଷ ହେବା ଅବଧି ରହିଥିଲା । ନିର୍ଦ୍ଧାରିତ ସମୟ ମଧରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

सत्यमेव जयते

**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ରଘୁବର ଦାସ)



## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ପ୍ରଫୁଲ୍ଲ କୁମାର ମହାପାତ୍ର**

ଆଡ଼ଭୋକେଟ, ସମ୍ବଲପୁର

ଆବିର୍ଭାବ: ତା-୪.୧୦.୧୯୫୪
ତିରୋଧାନ: ତା- ୩୦.୦୩.୨୦୧୮ (ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ)

ଚାହୁଁ ଚାହୁଁ ଛଅ ବର୍ଷ ବିତିଗଲା । ତୁମର ଅଭାବ ଓ ଅନୁପସ୍ଥିତି ସମସ୍ତେ ସର୍ବଦା ମନେ ପକାଉଛୁ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ । ତୁମର ପ୍ରେରଣା ଚିରପାଥେୟ ହେଉ । ତୁମେ ଯେଉଁଠାରେ ବି ଥାଅ ଆମ ପ୍ରତି ତୁମର ଅମୃତ ଆଶୀଷ ଅହରହ ଝରାଉଥାଅ ।

ଶୋକ ସନ୍ତପ୍ତ ମହାପାତ୍ର ପରିବାର, ତାଳପଟିଆ, ଜିଲ୍ଲା- ଝାରସୁଗୁଡ଼ା


# ବୁର୍ଲା ଡିଏଭି ସ୍କୁଲରେ ବାର୍ଷିକ ଉତ୍ସବ 'ରିଦମ୍'





ବୁର୍ଲା : ବୁର୍ଲା ଆନନ୍ଦ ବିହାର ଡିଏଭି ସ୍କୁଲରେ ବାର୍ଷିକ ଉତ୍ସବ 'ରିଦମ୍' ପାଳିତ ହୋଇଯାଇଛି । ଏମ୍‌ସିଏଲ୍ ଜାଗୃତି ବିହାରର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉଦୟ ଏ କାଓଲେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଜାଗୃତି ମହିଳା ମଣ୍ଡଳର ଅଧ୍ୟକ୍ଷା ସ୍ୱର୍ଣ୍ଣା କାଓଲେ, ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରାହା, ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରା, ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ ଏସ୍.ବାପତ୍, ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଗୀତ ଶିକ୍ଷକଙ୍କ ନିର୍ମଳ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟରେ ଅଧ୍ୟକ୍ଷା ରଶ୍ମି ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ଚନ୍ଦନ ମହାନ୍ତି ଓ ଶିକ୍ଷୟିତ୍ରୀ ସ୍ନିଗ୍ଧା ସାହାଣୀ ସଂଯୋଜନା କରିଥିଲେ । ଶେଷରେ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶତାୟୁ ରାଧିକା ମିଶ୍ରଙ୍କ ପରଲୋକ



ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡା ନିବାସୀ ସ୍ୱର୍ଗତ ବ୍ରଜକିଶୋର ମିଶ୍ରଙ୍କ ସ୍ତ୍ରୀ ରାଧିକା ମିଶ୍ରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା । ସେ ଜଣେ ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ । ଗତ କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ସେ ତାଙ୍କ ପଛରେ ଦୁଇ ପୁଅ ଜୟନାରାୟଣ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର ଏବଂ ତିନି ଝିଅ ବିଶିଷ୍ଟ ସେବିକା ଲଳିତା, ଶଶିକଳା ଓ ଭାରତୀଙ୍କୁ ଛାଡି ଚାଲି ଯାଇଛନ୍ତି । ସ୍ଥାନୀୟ ରାଜଘାଟରେ ଜ୍ୱାଇଁ ଅବସରପ୍ରାପ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ୟାମ ସୁନ୍ଦର ମିଶ୍ର, ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର କାଞ୍ଚନ ରାୟ, ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଶ୍ରୀବନ୍ତ ଦାଶ, ସରୋଜ କୁମାର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ ଜୟନାରାୟଣ ମୁଖାଗ୍ନି ଦେଇଥିଲେ ।






Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra